# ଧରିତ୍ରୀ
DHARITRI

ରାୟଗଡ଼ା, ରବିବାର, ଜାନୁୟାରୀ ୬ /୨୦୧୯ (୧୬+୪ପୃଷ୍ଠା) (ଛୁଟିଦିନ ସହ) Rayagada, Sunday, January 6 / 2019 ★

୮ମ ଭାଗ ୩୨୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-





ଭାରତର ବିଜ୍ଞାନ କ୍ଷେତ୍ରରେ ମହିଳାମାନେ ସର୍ବାଧିକ ସଂଖ୍ୟାଲଘୁ। ଏହି ବୃତ୍ତିରେ ସେମାନଙ୍କ ସଂଖ୍ୟା ମାତ୍ର ୧୪ ପ୍ରତିଶତ।

-ସ୍ମୃତି ଇରାନୀ, କେନ୍ଦ୍ରମନ୍ତ୍ରୀ

## ସଂକ୍ଷେପରେ

### ଖାତକୁ ଖସିଲା ସ୍କୁଲ ବସ୍ : ୭ ମୃତ



**ସିମ୍ଲା,୫ା୧ (ପି.ଟି.):** ହିମାଚଳ ପ୍ରଦେଶର ସିର୍‌ମୌର ଜିଲାରେ ଏକ ସ୍କୁଲ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୬ ଶିଶୁଙ୍କ ସମେତ ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ଶନିବାର ସକାଳେ ଛାତ୍ରୀଛାତ୍ରଙ୍କୁ ନେଇ ବସ୍ ଡିଏଭି ସ୍କୁଲ, ରେଣୁକା ଅଭିମୁଖେ ବାହାରିଥିଲା। ସାଂଗ୍ରା ସହର ଦେଇ ଯାଉଥିବା ବେଳେ ଏହା ଏକ ଖାତ ମଧ୍ୟକୁ ଖସି ପଡ଼ିଥିଲା। ସକାଳ ୮ଟା ସମୟରେ ଏହି ଦୁଃଖଦ ଘଟଣା ଘଟିଥିବା ସିର୍‌ମୌର ଏସ୍‌ପି ରୋହିତ ମାଲ୍‌ପାନି କହିଛନ୍ତି। ଏହି ଦୁର୍ଘଟଣାରେ ୧୨ ସ୍କୁଲ ପିଲା ଆହତ ହୋଇଥିବା ସେ ଜଣାଇଛନ୍ତି। ସେମାନଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଡେପୁଟି କମିଶନର ଲଳିତ ଜୈନ ଏହି ଘଟଣାର ତଦନ୍ତ କରି ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ସାଂଗ୍ରା ସବ୍‌ଡିଭିଜନାଲ୍ ମାଜିଷ୍ଟ୍ରେଟ୍ ରାଜେଶ ଧୀମନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୃତ ଓ ଆହତଙ୍କ ପରିବାର ବର୍ଗଙ୍କୁ ଯଥାକ୍ରମେ ୨୦ ହଜାର ଓ ୧୦ ହଜାର ତୁରନ୍ତ ସରକାରୀ ସହାୟତା ରାଶି ଯୋଗାଇଦେବାକୁ କହିଛନ୍ତି।

### ଟଳିଲେ ୭ ପୋଲିସ

**କାବୁଲ,୫ା୧:** ତାଲିବାନ ଆଫଗାନିସ୍ତାନର ଦକ୍ଷିଣ କାନ୍ଦାହାର ସୀମା ଚେକ୍‌ପଏଣ୍ଟକୁ ଟାର୍ଗେଟ୍ କରିଛି। ଏଥିରେ ୭ ପୋଲିସ ଅଧିକାରୀ ନିହତ ହୋଇଛନ୍ତି। ଉଭୟ ପକ୍ଷରୁ ଗୁଳିବିନିମୟରେ ୧୬ ଆତଙ୍କବାଦୀ ପ୍ରାଣ ହରାଇଥିବା ଓ ୧୧ ଆହତ ହୋଇଥିବା ସୂଚନା ମିଳିଛି। ସେହିପରି ସ୍ପିନ୍ ବୋଲ୍‌ଦୁକ୍ ଜିଲାରେ ଅନୁରୂପ ଆକ୍ରମଣ ଘଟଣାରେ ୪ ପୋଲିସ ଆହତ ହୋଇଛନ୍ତି।

### ହାଜତରେ ମିଶେଲ୍



**ନୂଆଦିଲ୍ଲୀ,୫ା୧(ପି.ଟି.):** ଅଗୁସ୍ତା ୱେଷ୍ଟଲ୍ୟାଣ୍ଡ ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତି ମାମଲାରେ ମଧ୍ୟସ୍ଥ ଖ୍ରୀଷ୍ଟିଆନ ମିଶେଲଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ମନି ଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମିଶେଲଙ୍କୁ ସ୍ୱତନ୍ତ୍ର ଜଜ୍ ଅରବିନ୍ଦ କୁମାରଙ୍କ କୋର୍ଟରେ ହାଜର କରିବା ପରେ ତାଙ୍କୁ ଫେବୃୟାରୀ ୨୬ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ଗତମାସରେ ଦୁବାଇ ମିଶେଲଙ୍କୁ ଭାରତ ହାତରେ ପ୍ରତ୍ୟର୍ପଣ କରିବା ପରେ ସିବିଆଇ ତାଙ୍କୁ ଗିରଫ କରି ଜେରା କରିଥିଲା। ଏହା ପରେ ଡିସେମ୍ବର ୨୨ରେ ଇଡି ତାଙ୍କୁ ରିମାଣ୍ଡରେ ନେଇ ଜେରା କରୁଥିଲା। ବର୍ତ୍ତମାନ ସୁଦ୍ଧା ତଦନ୍ତ ଫଳପ୍ରଦ ହୋଇଥିବା ଇଡି କୋର୍ଟଙ୍କୁ ଜଣାଇଛି। ଅନ୍ୟ ପ୍ରତିରକ୍ଷା ଚୁକ୍ତିନାମାରେ ମିଶେଲ ସମ୍ପୃକ୍ତ ଥିବା ମଧ ତଦନ୍ତ ବେଳେ ଜଣାପଡିଛି।

ଇତିହାସର ଆଇନାରେ

### ଜାନୁୟାରୀ ୬ର ପ୍ରମୁଖ ଘଟଣା

**୨**୦୧୨ ଜାନୁୟାରୀ ୬ରେ ଡାମାସକସ୍‌ର ଏକ ପୋଲିସ ଷ୍ଟେଶନ୍‌ରେ ଆତ୍ମଘାତୀ ବୋମା ବିସ୍ଫୋରଣରେ ୨୬ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୬୩ ଆହତ ହୋଇଥିଲେ। ଡାମାସକସ୍ ହେଉଛି ସିରିଆ ଆରବ ରିପବ୍ଲିକ୍‌ର ରାଜଧାନୀ। ଏହା ହେଉଛି ଦେଶର ବୃହତ୍ ନଗରୀ। ଆରବ ଜଗତର ଏହା ଏକ ବୃହତ୍ ସାଂସ୍କୃତିକ କେନ୍ଦ୍ର।

**୧**୯୯୩ ଜାନୁୟାରୀ ୬ରେ ଭାରତର ସୀମା ସୁରକ୍ଷା ବାହିନୀ ଦ୍ୱାରା ୫୫ କଶ୍ମୀରୀ ନାଗରିକ ନିହତ ହୋଇଥିଲେ। ଉଗ୍ରପନ୍ଥୀମାନେ ବିଏସ୍‌ଏଫ୍ ପାଟ୍ରୋଲିଂ ଉପରେ ଆକସ୍ମିକ ଆକ୍ରମଣ କରିବା ପରେ ବିଏସ୍‌ଏଫ୍ ପକ୍ଷରୁ ପାଲଟା ଆକ୍ରମଣ କରାଯାଇଥିଲା।

## ଆମେରିକାରେ ଜରୁରୀ ପରିସ୍ଥିତି ଜାରି କରିବାକୁ ଧମକ

# କଠୋର ହେଲେ ଟ୍ରମ୍ପ

ୱାଶିଂଟନ,୫ା୧(ପି.ଟି.)



**ପ୍ରାଚୀର ନିର୍ମାଣ ଅର୍ଥ ମଞ୍ଜୁର ନ ହେବା ଯାଏ ରହିବ ଅଚଳାବସ୍ଥା**

ଆମେରିକା କଂଗ୍ରେସ ବଜେଟ ପାସ୍ କରୁ ନ ଥିବାରୁ ସେଠାରେ ଦୁଇ ସପ୍ତାହ ହେଲା ଅଚଳାବସ୍ଥା ଲାଗି ରହିଛି। ମେକ୍ସିକୋ ସୀମାରେ ପ୍ରାଚୀର ନିର୍ମାଣ ଲାଗି ଯଦି କଂଗ୍ରେସ ୫.୬ ବିଲିୟନ ଡଲାର ମଞ୍ଜୁର ନ କରେ ତେବେ ବର୍ଷ ବର୍ଷ ଧରି ଅଚଳାବସ୍ଥା ଅବ୍ୟାହତ ରହିବା ସହ ଜାତୀୟ ଜରୁରୀ ପରିସ୍ଥିତି ଜାରି କରିବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଛନ୍ତି। ଶୁକ୍ରବାର ରାଷ୍ଟ୍ରପତି ଟ୍ରମ୍ପ ଡେମୋକ୍ରାଟିକ ଦଳର ବରିଷ୍ଠ ନେତାମାନଙ୍କ ସହ ବୈଠକ କରିଥିଲେ ମଧ୍ୟ ଦୁଇ ସପ୍ତାହର ଅଚଳାବସ୍ଥା ଦୂର କରିବାରେ ବିଫଳ ହୋଇଛନ୍ତି। ତେଣୁ କଂଗ୍ରେସର ଅନୁମୋଦନ ବିନା ପ୍ରାଚୀର ନିର୍ମାଣ ଲାଗି ସେ ଜାତୀୟ ଜରୁରୀ ପରିସ୍ଥିତି ଜାରି କରିପାରନ୍ତି ବୋଲି କହିଛନ୍ତି। ଅନ୍ୟପକ୍ଷରେ ଡେମୋକ୍ରାଟିକ ସଦସ୍ୟମାନଙ୍କ ସହ ୯୦ ମିନିଟର ବୈଠକ ଫଳପ୍ରଦ ଥିଲା ବୋଲି ଟ୍ରମ୍ପ ସୂଚନା ଦେଇଛନ୍ତି। ବୈଠକ ପରେ ସିନେଟରେ ସଂଖ୍ୟାଲଘୁ ଦଳର ନେତା ଚୁକ୍ ସୁମର ଗଣମାଧ୍ୟମକୁ କହିଛନ୍ତି, ଶଟ୍‌ଡାଉନ ସମସ୍ୟା ଦୂରକରିବାକୁ ଆମେ ରାଷ୍ଟ୍ରପତିଙ୍କୁ କହିଥିଲୁ। ତେବେ ଟ୍ରମ୍ପ ବର୍ଷ ବର୍ଷ ଧରି ସରକାରକୁ ଆଂଶିକ ବନ୍ଦ କରି ରଖିବାକୁ ପ୍ରସ୍ତୁତ ବୋଲି କହିଥିଲେ। ଯେପର୍ଯ୍ୟନ୍ତ ଶଟ୍‌ଡାଉନ ସମସ୍ୟା ଦୂର ନ ହୋଇଛି ଆଲୋଚନାର ଅଗ୍ରଗତି ହୋଇଛି କହିବା ଠିକ୍ ନୁହେଁ ବୋଲି ସେ କହିଥିଲେ।

### ମେକ୍ସିକୋ ପାର୍ଶ୍ୱରେ ପ୍ରାଚୀର କାହିଁକି

ମେକ୍ସିକୋ ଦେଇ ହଜାର ହଜାର ଲୋକ ବେଆଇନ ଭାବେ ଆମେରିକାରେ ଅନୁପ୍ରବେଶ କରୁଥିବାରୁ ଉକ୍ତ ପାର୍ଶ୍ୱରେ ପ୍ରାଚୀର ନିର୍ମାଣ ଉପରେ ରାଷ୍ଟ୍ରପତି ଟ୍ରମ୍ପ ଜୋର ଦେଇ ଆସୁଛନ୍ତି। ନିର୍ବାଚନ ପ୍ରଚାର ସମୟରେ ଟ୍ରମ୍ପ ପ୍ରାଚୀର ନିର୍ମାଣ ପ୍ରତିଶ୍ରୁତି ଦେଇଥିଲେ। ଆମେରିକା ଓ ମେକ୍ସିକୋ ମଧ୍ୟରେ ୩୧୪୨ କିଲୋମିଟର ସୀମା ରହିଛି। ଯଦି ଡ୍ରୋନ କିମ୍ବା ବିମାନରୁ କ୍ୟାମେରା ଓ ଅନ୍ୟ ଟେକ୍ନୋଲୋଜି ମାଧ୍ୟମରେ ଏହି ସୀମାନ୍ତକୁ ଲକ୍ଷ୍ୟ କରାଯାଏ ତେବେ ମରୁଭୂମିରେ ବହୁସଂଖ୍ୟାରେ ଗାଡ଼ି ଚଳାଚଳ କରୁଥିବା ଦେଖିପାରିବେ। ଯେଉଁଠି ସୁଦୃଢ଼ ବାଡ ଏବଂ ପ୍ରାଚୀର ନାହିଁ ସେହିବାଟ ଦେଇ ସେମାନେ ଆମେରିକା ଭିତରକୁ ପ୍ରବେଶ କରୁଛନ୍ତି ବୋଲି ଟ୍ରମ୍ପ ଶୁକ୍ରବାର ବୈଠକରେ କଂଗ୍ରେସ ସଦସ୍ୟମାନଙ୍କୁ କହିଥିଲେ। ଏହି ବେଆଇନ ଅନୁପ୍ରବେଶ, ମାନବ ଚାଲାଣ ଏବଂ ନିଶା ଚୋରାଚାଲାଣ ବନ୍ଦ କରିବାକୁ ହେଲେ ସୀମାରେ ମଜଭୁତ ଇସ୍ପାତ କିମ୍ବା କଂକ୍ରିଟ ପ୍ରାଚୀର ଆବଶ୍ୟକ ବୋଲି ଟ୍ରମ୍ପ କହିଥିଲେ। ଇସ୍ପାତ ବ୍ୟୟବହୁଳ ହେଲେ ମଧ୍ୟ ଏହା ମେକ୍ସିକୋ ପାଇଁ ଅଧିକ ଗ୍ରହଣୀୟ ହେବ। ଏଥିପାଇଁ ୫.୬ ବିଲିୟନ ଡଲାର ଆବଶ୍ୟକ। ଆମେ ଏଠାରେ ଖେଳ କଥା କହୁନାହୁଁ, ଜାତୀୟ ନିରାପତ୍ତାର କଥା କହୁଛୁ ବୋଲି ଟ୍ରମ୍ପ ମନ୍ତବ୍ୟ ଦେଇଥିଲେ।

# ମାୟାବତୀ, ଅଖିଳେଶ ନିକଟତର

ଲକ୍ଷ୍ନୌ,୫ା୧



■ଏସ୍‌ପି-ବିଏସ୍‌ପି ମେଣ୍ଟ ଚୂଡ଼ାନ୍ତ

■ଏକାକୀ ଲଢ଼ିବାକୁ କଂଗ୍ରେସ ପ୍ରସ୍ତୁତ

ନୂଆଦିଲ୍ଲୀରେ ଶୁକ୍ରବାର ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ଏକାଠି ହୋଇ ଆଗାମୀ ଲୋକ ସଭା ନିର୍ବାଚନରେ ଉତ୍ତରପ୍ରଦେଶରେ ଏକାଠି ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଚଳିତ ମାସ ଶେଷ ସୁଦ୍ଧା ଆନୁଷ୍ଠାନିକ ଘୋଷଣା କରାଯିବ ବୋଲି ଏସ୍‌ପି ମୁଖପାତ୍ର ରାଜେନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି। କଂଗ୍ରେସକୁ ଏହି ମେଣ୍ଟରେ ନେବା ଲାଗି କୌଣସି ନିଷ୍ପତ୍ତି ହୋଇନାହିଁ। ତେବେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିର୍ବାଚନ ମଣ୍ଡଳୀ ଆମେଠି ଓ ରାଏବରେଲିରେ ମେଣ୍ଟ ପ୍ରାର୍ଥୀ ଦେବ ନାହିଁ ବୋଲି ଚୌଧୁରୀ କହିଛନ୍ତି।

ଅନ୍ୟପକ୍ଷରେ ଉତ୍ତରପ୍ରଦେଶରେ କଂଗ୍ରେସ ଏକାକୀ ଲଢ଼ିବା ଲାଗି ପ୍ରସ୍ତୁତ ବୋଲି ବରିଷ୍ଠ ନେତା ପି.ଏଲ୍. ପୁନିଆ କହିଛନ୍ତି। ମେଣ୍ଟ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଆମେ ମେଣ୍ଟ ନେଇ କାହା ସହ କଥା ହୋଇନାହୁଁ ବୋଲି ସେ କହିଛନ୍ତି। ଉତ୍ତରପ୍ରଦେଶରେ ଆସନ ଭାଗବଣ୍ଟାକୁ ନେଇ ଶୁକ୍ରବାର ଅଖିଳେଶ ଓ ମାୟାବତୀ ଆଲୋଚନା କରିଥିଲେ। ଉଭୟ କଂଗ୍ରେସ ସହ ମେଣ୍ଟ ଚାହୁଁ ନ ଥିବା ଏକ ସୂତ୍ରରୁ ଜଣାପଡିଛି। ତେବେ ମେଣ୍ଟରୁ କଂଗ୍ରେସକୁ ଅଲଗା ରଖିବା ଚର୍ଚ୍ଚା ମନଗଢ଼ା ବୋଲି ଏସ୍‌ପିର ୨ ନମ୍ବର ପ୍ରଭାବଶାଳୀ ନେତା ରାମଗୋପାଳ ଯାଦବ ଶନିବାର କହିଛନ୍ତି। ସୂଚନାଯୋଗ୍ୟ, ମଧ୍ୟପ୍ରଦେଶରେ ସରକାର କଂଗ୍ରେସକୁ ସରକାର ଗଢ଼ିବା ଲାଗି ଏସ୍‌ପି ସମର୍ଥନ ଦେଇଥିଲେ ହେଁ ଏହାର ବିଧାୟକଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରା ନ ଯିବା ନେଇ ଅଖିଳେଶ ପୂର୍ବରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ଆବଶ୍ୟକ ପଡିଲେ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ସମର୍ଥନର ପୁନର୍ବିଚାର ହେବ ବୋଲି ମାୟାବତୀ କିଛିଦିନ ପୂର୍ବରୁ ସୂଚନା ଦେଇଥିଲେ।

# ତେଜିଲା ସାବରିମାଳା ହିଂସା

■ଭାଜପା ଏମ୍‌ପିଙ୍କ ଘରକୁ ବୋମାମାଡ଼

■ଜଳିଲା ଆର୍‌ଏସ୍‌ଏସ୍ ଅଫିସ



**କନୌର/କେରଳ,୫ା୧ (ପି.ଟି.):** ସାବରିମାଳା ଆୟାପ୍ପା ମନ୍ଦିରକୁ ୨ ଋତୁସ୍ରବା ବୟସର ମହିଳାଙ୍କ ପ୍ରବେଶ ପରେ ଉତ୍ତେଜନା ହିଂସା ରୂପ ନେଇଛି। ମନ୍ଦିରର ଦୀର୍ଘଦିନର ପରମ୍ପରା ଭଙ୍ଗ ହୋଇଥିବା ନେଇ ଆକ୍ରୋଶର ଜ୍ୱାଳା ଚରମସ୍ତରରେ ପହଞ୍ଚିଛି। ଦକ୍ଷିଣ କେରଳର କନୌର ଜିଲା ଏଥିରେ ଅଧିକ ପ୍ରଭାବିତ ହୋଇଛି। ଶନିବାର ଏଠାରେ ଜଳାପୋଡ଼ା ଏବଂ ବୋମାମାଡ଼ ଘଟଣା ଘଟିଛି। ସିପିଆଇ(ଏମ୍) ବିଧାୟକ ଏ.ଏନ୍.ସମଶିର, ଦଳର ପୂର୍ବତନ ଜିଲା ସଭପତି ପି. ଶଶୀ ଏବଂ ଭାଜପା ଏମ୍‌ପି ଭି. ମୁରଲିଧରନ୍‌ଙ୍କ ବାସଭବନ ଉପରକୁ ବୋମାମାଡ଼ ହୋଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) କାର୍ଯ୍ୟାଳୟରେ ନିଆଁ ଲଗାଇ ଦିଆଯାଇଛି। ଏଠାରେ ଆଇନଶୃଙ୍ଖଳା ପରିସ୍ଥିତି ବେହାଲ ହୋଇପଡ଼ିଛି। ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ଗତ ଦୁଇଦିନ ଧରି କନୌରରେ ହିଂସା ବଳବତ୍ତର ରହିଥିବା ବେଳେ ୨୬୦ଜଣଙ୍କୁ ଗିରଫ କରାଯାଇଛି। ହିଂସାକୁ କାବୁ କରିବାକୁ ଯାଇ ଜିଲା ବ୍ୟାପୀ ପୋଲିସ ପ୍ରଶାସନ ପକ୍ଷରୁ ପାଟ୍ରୋଲିଂ ଏବଂ ଚଢ଼ାଉ ଅଭିଯାନ ଜୋର୍‌ଦାର୍ ହୋଇଛି।

ସାବରିମାଳା ମନ୍ଦିରରେ ୧୦ରୁ ୫୦ ବର୍ଷର ମହିଳା ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରେ କେଉଁ ଆବାହମାନ କାଳରୁ ରହିଥିବା କଟକଣାକୁ ସୁପ୍ରିମ୍‌କୋର୍ଟ ଗତ ସେପ୍ଟେମ୍ବର ମାସରେ ବେଆଇନ ଦର୍ଶାଇଥିଲେ। ମହିଳାଙ୍କୁ ମନ୍ଦିର ଭିତରେ ପ୍ରାର୍ଥନା କରିବାକୁ ଦିଆଯାଉ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ଓ ପରମ୍ପରାକୁ ସମର୍ଥନ କରୁଥିବା ଶ୍ରଦ୍ଧାଳୁମାନେ ଏହାକୁ ବିରୋଧ କରିଆସୁଥିଲେ। ମନ୍ଦିର ଦର୍ଶନ କରିବାକୁ ଆସୁଥିବା ମହିଳାମାନଙ୍କୁ ବଳପୂର୍ବକ ଫେରାଇ ଦେଉଥିଲେ।

# ମହାରାଷ୍ଟ୍ରରେ କଂଗ୍ରେସ, ଏନ୍‌ସିପି ସମାନ ଆସନରେ ଲଢ଼ିବେ

ମୁମ୍ବାଇ,୫ା୧

ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପାକୁ କ୍ଷମତାଠାରୁ ଦୂରେଇ ରଖିବା ଲାଗି ମହାରାଷ୍ଟ୍ରରେ କଂଗ୍ରେସ ଏବଂ ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ଏକାଠି ଲଢ଼ିବାକୁ ଯାଉଛନ୍ତି। ଉଭୟ ଦଳ ସମାନ ଆସନରେ ଲଢ଼ିପାରନ୍ତି ବୋଲି ଜଣାପଡିଛି। ଗତ ୨୦୧୪ ନିର୍ବାଚନରେ ଦୁଇଦଳ ଏକାଠି ଲଢ଼ି ବିଶେଷ ସଫଳତା ନ ପାଇବାରୁ ବିଧାନସଭା ନିର୍ବାଚନ ଅଲଗା ଲଢ଼ିଥିଲେ। ଏବେ ମେଣ୍ଟ ଗଠନ ଲାଗି ଦୁଇ ଦଳର ନେତୃବୃନ୍ଦଙ୍କ ମଧ୍ୟରେ ଏକାଧିକ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇସାରିଲାଣି। ଆନୁଷ୍ଠାନିକ ଭାବେ ଘୋଷଣା ହୋଇ ନ ଥିଲେ ମଧ୍ୟ ୪୮ ଆସନ ମଧ୍ୟରୁ ଉଭୟେ ୨୦ଟି ଲେଖାଏଁ ଆସନରେ ଲଢ଼ିବେ। ସମଭାବାପନ୍ନ ଦଳଙ୍କୁ ମେଣ୍ଟରେ ନେବା ଲାଗି ଉଦ୍ୟମ ଚାଲିଥିବା ଜଣାପଡିଛି। ଅନ୍ୟ ୮ଟି ଆସନ ସେମାନଙ୍କୁ ଦିଆଯିବ ବୋଲି ଏନ୍‌ସିପି ନେତା ପ୍ରଫୁଲ୍ଲ ପଟେଲ କହିଛନ୍ତି।

## ଫୁର୍‌ସତ

### ଅଲ୍‌ଟିମା ଥୁଲେରେ ବାୟୁମଣ୍ଡଳ ନାହିଁ



**ୱାଶିଂଟନ୍:** କୁଇପର ବେଲ୍ଟ ମଧ୍ୟରେ ଥିବା କ୍ଷୁଦ୍ରଗ୍ରହ ଅଲ୍‌ଟିମା ଥୁଲେରେ ବାୟୁମଣ୍ଡଳ ଥିବାର ପ୍ରମାଣ ନାହିଁ। ନ୍ୟୁ ହୋରାଇଜନ୍ ସ୍ପେସ୍‌କ୍ରାଫ୍ଟ ଦ୍ୱାରା ଚଳିତ ସପ୍ତାହରେ ପ୍ରେରିତ ଫଟୋଚିତ୍ରରୁ ଏହି ସୂଚନା ମିଳିଛି। ନ୍ୟୁ ହୋରାଇଜନ୍ ଜାନୁୟାରୀ ୧ରେ ଅଲ୍‌ଟିମା ଥୁଲେଠାରୁ ୩,୫୦୦ କିଲୋମିଟର ଦୂରତାରେ ରହିଥିଲା। ଏହା ପ୍ରତି ଘଣ୍ଟାକୁ ୩୨,୦୦୦ ମାଇଲ୍ ବେଗରେ ପ୍ରଦକ୍ଷିଣ କରୁଥିଲା। ନାସାର ନ୍ୟୁ ହୋରାଇଜନ୍ ସ୍ପେସ୍‌କ୍ରାଫ୍ଟ ଦୈନିକ ବୈଜ୍ଞାନିକ ତଥ୍ୟ ପ୍ରଦାନ କରୁଛି। ଏତଦ୍ ଭିନ୍ନ ଏଠାରେ ବାୟୁମଣ୍ଡଳ ଥିବାର କୌଣସି ପ୍ରମାଣ ନାହିଁ। ଅଲ୍‌ଟିମା ଥୁଲେର ରଙ୍ଗ କୁଇପର ବେଲ୍ଟ ମଧ୍ୟରେ ଥିବା କ୍ଷୁଦ୍ର ଗ୍ରହାଣୁଗୁଡିକ ଭଳି। ଦୂରବୀକ୍ଷଣ ଫଟୋଚିତ୍ରରୁ ଏହା ସ୍ପଷ୍ଟ ହୋଇଛି। ପୃଥିବୀଠାରୁ ୬.୫ ବିଲିଅନ୍ କିଲୋମିଟର ଦୂରତାରେ ଅବସ୍ଥିତ ଅଲ୍‌ଟିମା ଥୁଲେର ଅର୍ଥ ହେଉଛି 'ଜ୍ଞାତ ଜଗତଠାରୁ ବାହାରେ।'

# ଇରାନ୍ ଲଞ୍ଚ କରିବ ସାଟେଲାଇଟ୍



**ତେହେରାନ୍:** ଇରାନ୍ ସାଟେଲାଇଟ ଲଞ୍ଚ କରିବା ପୂର୍ବରୁ ଶନିବାର ୩ଟି ସାଟେଲାଇଟ୍ ସଫଳତାର ସହ ପରୀକ୍ଷା କରିଥିବା ଦୂରସଞ୍ଚାର ମନ୍ତ୍ରୀ ମହମ୍ମଦ ଜାଭାଦ ଆଜାରି ଜରୋମି ପ୍ରକାଶ କରିଛନ୍ତି। ତେବେ କେବେ ସାଟେଲାଇଟ୍ ଲଞ୍ଚ୍ ହେବ ସେ ସମ୍ପର୍କରେ ସମୟ ଧାର୍ଯ୍ୟ କରିନାହାନ୍ତି। ୧୯୭୯ ଇସଲାମିକ୍ ରିଭୋଲ୍ୟୁଶନ୍ ବାର୍ଷିକୀ ଉପଲକ୍ଷେ ଇରାନ୍ ଫେବୃୟାରୀରେ ସାଧାରଣତଃ ମହାକାଶ ପରୀକ୍ଷା କରିଥାଏ। ୯୦କିଲୋଗ୍ରାମ ବିଶିଷ୍ଟ ଅଣସାମରିକ ଉପଗ୍ରହ 'ପାୟମ' ୫୦୦ କିଲୋମିଟର କକ୍ଷପଥ ମଧ୍ୟକୁ ଛାଡିବ ବୋଲି ମଙ୍ଗଳବାର ଇରାନ୍ ପକ୍ଷରୁ କୁହାଯାଇଥିଲା। ଏଥିପାଇଁ ଇରାନ୍‌ର ସିମୋର୍ଗ ସାଟେଲାଇଟ୍-କ୍ୟାରିୟର ରକେଟ ବ୍ୟବହାର କରାଯିବ। ପୃଥିବୀର କକ୍ଷପଥକୁ ସାଟେଲାଇଟ୍ ଲଞ୍ଚ୍ କରିବା ପାଇଁ ଇରାନ୍ ଯେଉଁ ଯୋଜନା କରୁଛି ଏହା ଜାତିସଂଘ ନିରାପତ୍ତା ପରିଷଦର ପ୍ରସ୍ତାବକୁ ଅବଜ୍ଞା କରୁଛ ବୋଲି ଗୁରୁବାର ଆମେରିକାର ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ କହିଥିଲେ। ଆଣବିକ ଅସ୍ତ୍ର ବହନ କରୁଥିବା ବାଲିଷ୍ଟିକ୍ ମିଜାଇଲ୍ ସମ୍ପର୍କିତ କାର୍ଯ୍ୟ ଜାରି ନ ରଖିବାକୁ ଉକ୍ତ ପ୍ରସ୍ତାବରେ ଉଲ୍ଲେଖ ରହିଛି। ଅପରପକ୍ଷରେ ସାଟେଲାଇଟ୍ ଲଞ୍ଚ୍ କରିବା ଦ୍ୱାରା ଜାତିସଂଘ ପ୍ରସ୍ତାବର ଉଲ୍ଲଂଘନ ହେବନାହିଁ ବୋଲି ଇରାନ୍ ମତ ଦେଇଛି। ଇରାନ ସାଟେଲାଇଟ୍ ଲଞ୍ଚ୍ କାର୍ଯ୍ୟକ୍ରମ ବର୍ଷ ବର୍ଷ ଧରି ଜାରି ରଖିଛି। ଏହି ରାଷ୍ଟ୍ର ଦୂରଗାମୀ କ୍ଷେପଣାସ୍ତ୍ରରେ ସେହି ଏକପ୍ରକାର ଜ୍ଞାନକୌଶଳ ପ୍ରୟୋଗ କରିପାରେ ବୋଲି ଆମେରିକା ଓ ଏହାର ମିତ୍ରରାଷ୍ଟ୍ର ଆଶଙ୍କା ପ୍ରକାଶ କରିଛନ୍ତି। ଇରାନ୍ ବିଗତ ଦଶବର୍ଷ ମଧ୍ୟରେ ଅନେକ ସାଟେଲାଇଟ୍ ପୃଥିବୀର କକ୍ଷପଥକୁ ଲଞ୍ଚ୍ କରିଛି ଏବଂ ୨୦୧୩ରେ ମହାକାଶକୁ ଏକ ମାଙ୍କଡ଼ ପଠାଇଥିଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୨ | ୧୦.୨ |
| ଚାନ୍ଦବାଲି | ୨୫.୦ | ୧୨.୫ |
| କଟକ | ୨୫.୮ | ୧୦.୬ |
| ପାରାଦ୍ୱୀପ | ୨୬.୨ | ୧୩.୪ |
| ଭୁବନେଶ୍ୱର | ୨୭.୯ | ୧୦.୬ |
| ଗୋପାଳପୁର | ୨୭.୧ | ୧୪.୬ |
| ପୁରୀ | ୨୬.୬ | ୧୩.୯ |
| ଅନୁଗୋଳ | ୨୫.୧ | ୮.୦ |
| ବାରିପଦା | ୨୪.୪ | ୧୦.୪ |
| ଝାରସୁଗୁଡ଼ା | ୨୭.୩ | ୧୦.୦ |
| କେନ୍ଦୁଝର | ୨୪.୭ | ୮.୫ |
| ସମ୍ବଲପୁର | ୨୭.୦ | ୧୦.୨ |
| ସୁନ୍ଦରଗଡ଼ | --- | ୮.୫ |
| ହୀରାକୁଦ | ୨୭.୭ | ୧୧.୨ |
| ତାଳଚେର | ୩୩.୪ | ୯.୫ |
| ଭବାନୀପାଟଣା | ୨୮.୦ | ୯.୫ |
| ବଲାଙ୍ଗୀର | --- | ୯.୧ |
| କୋରାପୁଟ | ୨୬.୪ | ୯.୬ |
| ଫୁଲବାଣୀ | ୨୭.୦ | ୭.୫ |
| ଟିଟିଲାଗଡ଼ | --- | ୯.୦ |
| ମାଲକାନଗିରି | ୩୧.୫ | ୧୩.୫ |
| ସୋନପୁର | ୨୭.୪ | ୯.୨ |
| ଦାରିଙ୍ଗିବାଡ଼ି | ୨୫.୦ | ୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ସମ୍ମାନିତ ହେବେ ଫାରୁକ୍, ଆଶା

**ମୁମ୍ବାଇ:** ବିଶିଷ୍ଟ ଅଭିନେତ୍ରୀ ଆଶା ପାରେଖ ଏବଂ ଅଭିନେତା ଫାରୁକ ଶେଖ୍‌ଙ୍କୁ ବିମଲ ରଏ ମେମୋରିଆଲ ଏବଂ ଫିଲ୍ମ ସୋସାଇଟି ଦ୍ୱାରା ସମ୍ମାନିତ କରାଯିବ। ପ୍ରସିଦ୍ଧ ଫିଲ୍ମ ନିର୍ମାତା ବିମଲ ରଏଙ୍କ ୫୨ତମ ଶ୍ରାଦ୍ଧବାର୍ଷିକୀରେ ଦୁଇ କଳାକାରଙ୍କୁ ସମ୍ମାନିତ କରାଯିବ। ୨୨ବର୍ଷ ତଳେ ସ୍ୱର୍ଗତ ବିମଲ ରଏଙ୍କ ସ୍ମୃତିରେ ଏକ ସଂଗଠନ ଗଠନ କରାଯାଇଥିଲା। ଚଳଚ୍ଚିତ୍ର ଶିଳ୍ପର ଖୁବ୍ କମ୍ ଜଣାଶୁଣା ହିରୋଙ୍କୁ ପୁରସ୍କୃତ କରିବା ଏହି ସଂଗଠନର ଲକ୍ଷ୍ୟ। ଏଥିପାଇଁ ଜାନୁୟାରୀ ୮ରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୨୦୧୩ରେ ଫାରୁକ୍‌ଙ୍କ ବିୟୋଗ ଘଟିଥିଲା। ନ୍ୟାଶନାଲ ଆୱାର୍ଡ ଟ୍ରଫିକୁ ଛାଡିଦେଲେ ସେ ଆଉ କୌଣସି ପୁରସ୍କାର ପାଇ ନ ଥିବାରୁ ତାଙ୍କୁ ସମ୍ମାନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ରଏଙ୍କ କନ୍ୟା ରିଙ୍କି ରଏ ପ୍ରକାଶ କରିଛନ୍ତି। ଜଣେ ଉଲ୍ଲେଖନୀୟ କଳାକାର ହୋଇଥିବାରୁ ସେ ସମ୍ମାନ ପାଇବାକୁ ଯୋଗ୍ୟ। ଶେଖ୍‌ଙ୍କ କନ୍ୟା ଶାଇସ୍ତା ତାଙ୍କ ପିତାଙ୍କ ତରଫରୁ ପୁରସ୍କାର ଗ୍ରହଣ କରିବେ। ଏଥି ସହିତ ନିର୍ଦ୍ଦେଶକ ଅନନ୍ତ ମହାଦେବନ୍, ଅମିତ ରାଏ, ପରେଶ ରାୱଲ ଏବଂ ଜ୍ୟାକି ଶ୍ରଫ୍‌ଙ୍କୁ ମଧ୍ୟ ପୁରସ୍କୃତ କରାଯିବ।



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.

ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ଜାନୁୟାରୀ ୬ /୨୦୧୯ | Rayagada, Sunday, January 6 / 2019 | ପୃଷ୍ଠା-୧



## ରୋହିତ ସର୍ବକନିଷ୍ଠ

ଶନିବାର ଆଇଜଲ ଏଫ୍‌ସି ବିପକ୍ଷ ମ୍ୟାଚରେ ଇଣ୍ଡିଆନ ଆରୋଜର ରୋହିତ ଦାନୁ ଆଇ-ଲିଗ୍‌ର ସର୍ବ କନିଷ୍ଠ ଗୋଲ ସ୍କୋରର ହେବାର ଗୌରବ ଅର୍ଜନ କରିଛନ୍ତି।

୧୩ ୦୩

## ୩୩ ବର୍ଷରେ ପଦାର୍ପଣ କଲେ ଦୀପିକା

ଅଭିନେତ୍ରୀ ଦୀପିକା ପାଦୁକୋନ୍ ଜାନୁୟାରୀ ୫ରେ ୩୩ବର୍ଷରେ ପଦାର୍ପଣ କରିବା ସହିତ ନିଜର ୱେବ୍‌ସାଇଟ୍ ଲଞ୍ଚ୍ କରିଛନ୍ତି।



ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

■ମିଶନ ଶକ୍ତି ମହାସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ଏସ୍‌ଏଚ୍‌ଜିଙ୍କୁ ସୁଧମୁକ୍ତ ଋଣ



ପୁରୀରେ ଶନିବାର ଆୟୋଜିତ ମିଶନ ଶକ୍ତି ମହାସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ସାର୍ଟିଫିକେଟ ପ୍ରଦାନ କରୁଛନ୍ତି।

**ପୁରୀ ଅଫିସ,୫।୧**

ରାଜ୍ୟର ପ୍ରତ୍ୟେକ ମହିଳା ସଶକ୍ତ ହେବେ। ସେମାନେ ନିଜେ ସ୍ୱାବଲମ୍ବୀ ହେବେ ଏବଂ ପରିବାରରେ ସେମାନଙ୍କର ଆର୍ଥିକ ସହଭାଗିତା ରହିବ। ଏହି ଆଭିମୁଖ୍ୟ ରଖି ରାଜ୍ୟ ସରକାର ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବୀ ଓ ଶକ୍ତିଶାଳୀ କରିଛନ୍ତି। ପୁରୀ ତାଳବଣିଆସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଶନିବାର ଆୟୋଜିତ ମିଶନ ଶକ୍ତି ମହାସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କ ପାଇଁ ଏକାଧିକ ନୂଆ ସହାୟତା ଘୋଷଣା କରିଛନ୍ତି। ଏଣିକି ରାଜ୍ୟର ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି)ଙ୍କୁ ବିନା ସୁଧରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ଏଥିସହ ନୂତନ ଏସ୍‌ଏଚ୍‌ଜିଙ୍କ ପାଇଁ ୧୫ ହଜାର ଟଙ୍କାର ସିଡ୍ ମନି ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପ୍ରତି ବ୍ଲକସ୍ତରୀୟ ମହାସଂଘ ନିମନ୍ତେ ୨୫ ଲକ୍ଷ ଟଙ୍କାର ସହାୟତା ପାଣ୍ଠି ଏବଂ ଡିଜିଟାଲ ସଶକ୍ତୀକରଣ ତଥା ସ୍ମାର୍ଟ ଫୋନ ପାଇଁ ପ୍ରତି ଏସ୍‌ଏଚଜିଙ୍କୁ ୩ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନର ବ୍ୟବସ୍ଥା କରିଛନ୍ତି। ସେହିପରି ରାଜ୍ୟର ଅଙ୍ଗନୱାଡ଼ି କର୍ମୀମାନଙ୍କୁ ୫୦୦ ଏବଂ ସହାୟିକାଙ୍କୁ ୨୦୦ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲାର ୩୧ ହଜାର ☞ପୃଷ୍ଠା-୨

■୪ ସହାୟତାର ଶୁଭାରମ୍ଭ
■୧୮ ବର୍ଷର ମିଶନ ଶକ୍ତି ନୀରବ ବିପ୍ଳବ
■୭୦ ଲକ୍ଷ ମହିଳାଙ୍କ ପାଇଁ ୭୦୦ କୋଟି
■ନବୀନ ନିବାସ ବୁଲି ଆସିବାକୁ ନିମନ୍ତ୍ରଣ କଲେ ମୁଖ୍ୟମନ୍ତ୍ରୀ





ବାରିପଦାରେ ଶନିବାର ଆୟୋଜିତ ଭାଜପା ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଓ ଅନ୍ୟ ନେତୃବୃନ୍ଦ।

■ବିରୋଧୀଙ୍କୁ ମୋଦିଙ୍କ ଟାର୍ଗେଟ

# ବିଜେଡିକୁ ପରୋକ୍ଷ, କଂଗ୍ରେସକୁ ସିଧା

**ବାରିପଦା ଅଫିସ,୫।୧**

ସାଧାରଣ ନିର୍ବାଚନକୁ ଆଉ ମାତ୍ର ୪ ମାସ ବାକି ଥିବାବେଳେ ସବୁ ଦଳ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରିପଦା ଗସ୍ତ କରି ୪,୫୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ, ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୋଦି ଶାସକ ବିଜେଡିକୁ ପରୋକ୍ଷରେ ଟାର୍ଗେଟ କରିଥିବାବେଳେ କଂଗ୍ରେସକୁ କଡା ସମାଲୋଚନା କରିଛନ୍ତି। ପୁରୀରେ ବିଜେଡି ମହିଳାଙ୍କୁ ନେଇ ଭୋଟ ହାତେଇବାର ରଣନୀତି ପ୍ରସ୍ତୁତ କରୁଥିବାବେଳେ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କ ମହିଳା ସଶକ୍ତୀକରଣ ନୀତିକୁ ସମାଲୋଚନା କରିଛନ୍ତି । ପିପିଲି ଗଣବଳାତ୍କାର ଘଟଣା ଯାଞ୍ଚରେ ଖାମଖିଆଲି ☞ପୃଷ୍ଠା-୨

■ପିପିଲି ଗଣବଳାତ୍କାର ଘଟଣାର ପୁନଃ ତଦନ୍ତ ଦାବି
■ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ହେବାକୁ ରାଜ୍ୟ ସରକାରଙ୍କୁ ନିବେଦନ
■ଚୋରମାନେ ପ୍ରଥମେ ଚୌକିଦାରକୁ ହଟାଇବାକୁ ଚାହାନ୍ତି

# ୮ରୁ ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ

**ନୂଆଦିଲ୍ଲୀ,୫।୧:**

ନୂଆବର୍ଷର ପ୍ରଥମ ମାସରେ ଆଉ ଏକ ବ୍ୟାଙ୍କ ଧର୍ମଘଟ ହେବାକୁ ଯାଉଛି। ଗତବର୍ଷ ଡିସେମ୍ବରରେ ଦୁଇଥର ବ୍ୟାଙ୍କ ଧର୍ମଘଟ ହେବା ପରେ ଚଳିତବର୍ଷ ଜାନୁୟାରୀ ୮ ଓ ୯ରେ ଆଉ ଏକ ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ କରି ଦେଶର ୧୦ଟି ଟ୍ରେଡ ୟୁନିୟନ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଥିବାରୁ ଏହାକୁ ସମର୍ଥନ ଜଣାଇ ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନ(ଏଆଇବିଇଏ) ଓ ବ୍ୟାଙ୍କ ଏମ୍ପ୍ଲଇଜ୍ ଫେଡେରେଶନ ଅଫ୍ ଇଣ୍ଡିଆ(ବିଇଏଫ୍‌ଆଇ) ଦୁଇ ଦିନିଆ ବ୍ୟାଙ୍କ ଧର୍ମଘଟ ଡାକରା ଦେଇଛି। ଏହାର ପ୍ରଭାବ ସମ୍ପୂର୍ଣ୍ଣ ନ ହେଲେ ମଧ୍ୟ ଆଂଶିକ ଭାବରେ ପଡିବ ବୋଲି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଗତ ଡିସେମ୍ବର ୨୬ରେ ଦେଶବ୍ୟାପୀ ଦିଆଯାଇଥିବା ବ୍ୟାଙ୍କ ଧର୍ମଘଟରେ ୯ଟି ପ୍ରମୁଖ ବ୍ୟାଙ୍କ ସଂଘର ୧୦ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଥିଲେ। ନ୍ୟାଶନାଲ ଅର୍ଗାନାଇଜେଶନ ଅଫ୍ ବ୍ୟାଙ୍କ ୱାର୍କର୍ସ ଆସୋସିଏଶନର ଉପାଧ୍ୟକ୍ଷ ଅଶ୍ୱିନୀ ରାଣା କହିଛନ୍ତି ଯେ, ଆସନ୍ତା ଧର୍ମଘଟ ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ବ୍ୟାଙ୍କ ସମସ୍ୟା ନେଇ ଏହି ଧର୍ମଘଟ ଡାକରା ଦିଆଯାଇ ନ ଥିବାରୁ ୭ଟି ବ୍ୟାଙ୍କ ୟୁନିୟନ ଏଥିରୁ ଦୂରେଇ ଯାଇଛି।

## ଆଜିର ସମ୍ପାଦକୀୟ

**ପରମ୍ପରାର ପରାଜୟ**

## ଆଜିର ମନ୍ତବ୍ୟ

"ଉତ୍ତମ ନୀତି ଓ ନେତୃତ୍ୱ ବଳରେ ଭାରତ ଦୃଢ଼ ଅର୍ଥନୈତିକ ଶକ୍ତି ହୋଇପାରିବ।
– ନୀତୀନ ଗଡକରୀ, କେନ୍ଦ୍ରମନ୍ତ୍ରୀ

## କିଛି ତଥ୍ୟ

ଡିସେମ୍ବର ୨୦୧୮ ସୁଦ୍ଧା ସରକାରଙ୍କ ସାର ସବ୍‌ସିଡ଼ି ବାବଦକୁ ବକେୟା ୨୩,୨୮୪ କୋଟି ଟଙ୍କା ଛୁଇଁଛି।
–ସାର ମନ୍ତ୍ରଣାଳୟ

**CBSE Exam Mate**
ପୃଷ୍ଠା-୯

# ଛାତରୁ ପଡ଼ି ଅଭିନେତ୍ରୀ ନିକିତାଙ୍କ ମୃତ୍ୟୁ

## ସ୍ୱାମୀ ଠେଲି ଦେଇଥିବା ବାପାଙ୍କ ସନ୍ଦେହ

**କଟକ ଅଫିସ, ୫।୧**

ଜଣାଶୁଣା ଚଳଚ୍ଚିତ୍ର ତଥା ଧାରାବାହିକ ଅଭିନେତ୍ରୀ ନିକିତା ଓରଫ ଲକ୍ଷ୍ମୀପ୍ରିୟା ବେହେରାଙ୍କର ଶନିବାର ମୃତ୍ୟୁ ଘଟିଛି। ଶୁକ୍ରବାର ରାତି ପ୍ରାୟ ୧୧ଟା ସମୟରେ ନିକିତା ଛାତରୁ ଖସି ପଡିଥିଲେ। ପରିବାର ଲୋକେ ତାଙ୍କୁ ମର୍କତନଗର ଥାନା ଅଧୀନ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମଧ୍ୟାହ୍ନ ସାଢେ ୧୨ଟା ବେଳେ ତାଙ୍କର ମୃତ୍ୟୁ ହୋଇଛି। ତେବେ ନିକିତାଙ୍କୁ ତାଙ୍କ ସ୍ୱାମୀ ଛାତରୁ ଠେଲି ଦେଇଥିବା ତାଙ୍କ ବାପା ସନାତନ ବେହେରା ସନ୍ଦେହ କରୁଥିବା ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି।



ଯେହେତୁ କୌଣସି ଲିଖିତ ଅଭିଯୋଗ ଦାଖଲ ହୋଇନାହିଁ ତେଣୁ ମର୍କତନଗର ଥାନାରେ ପୋଲିସ କେବଳ ☞ପୃଷ୍ଠା-୨

**ଚାଇନା ସେନାକୁ ଜିନ୍‌ପିଙ୍ଗଙ୍କ ନିର୍ଦ୍ଦେଶ**

# ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ

**ବେଜିଂ,୫।୧(ପି.ଟି.)**

ଯୁଦ୍ଧ ପାଇଁ ନିଜକୁ ପ୍ରସ୍ତୁତ କରି ରଖିବାକୁ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ସୈନ୍ୟବାହିନୀକୁ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ବିଶ୍ୱ ଏବେ ବଡଧରଣର ପରିବର୍ତ୍ତନର ସମୟକୁ ସାମନା କରୁଛି ଯାହା ଏକ ଶତାବ୍ଦୀ ମଧ୍ୟରେ କେବେ ଦେଖାଦେଇ ନ ଥିଲା। ସେଥିପାଇଁ ବିପଦ ଏବଂ ଚ୍ୟାଲେଞ୍ଜ ବଢୁଥିବା ଜିନ୍‌ପିଙ୍ଗ କହିଛନ୍ତି।

ଚାଇନାର ପିପୁଲ୍ସ ଲିବରେଶନ ଆର୍ମୀ (ପିଏଲ୍‌ଏ) ହେଉଛି ବିଶ୍ୱର ସର୍ବବୃହତ୍ ସୈନ୍ୟବାହିନୀ ଯେଉଁଥିରେ ୨୦ ଲକ୍ଷ ସୈନ୍ୟ ରହିଛନ୍ତି। ଏହାର ଯୁଦ୍ଧ ସାମର୍ଥ୍ୟ ବୃଦ୍ଧି ଲାଗି ଗତବର୍ଷଠାରୁ ନୂଆ ନିଯୁକ୍ତି ପାଉଥିବା ସୈନ୍ୟଙ୍କ ତାଲିମ ସମୟସୀମା ୩ ମାସରୁ ୬ ମାସକୁ ବୃଦ୍ଧି କରାଯାଇଛି। ପିଏଲ୍‌ଏର ସୁପ୍ରିମ କମାଣ୍ଡ ଜିନ୍‌ପିଙ୍ଗ ସେଣ୍ଟ୍ରାଲ ମିଲିଟାରୀ କମିଶନ (ସିଏମ୍‌ସି) ବୈଠକ ଡାକି ଉପରୋକ୍ତ ପରାମର୍ଶ ଦେଇଛନ୍ତି। ବିକାଶ ପାଇଁ ଚାଇନା ପାଖରେ ରଣନୀତିକ ସୁଯୋଗର ଏହା ଗୁରୁତ୍ୱପୂର୍ଣ୍ଣ ସମୟ ବୋଲି ଜିନ୍‌ପିଙ୍ଗ କହିଥିଲେ।

ସେ କହିଥିଲେ, ଦ୍ରୁତ ପରିବର୍ତ୍ତନଶୀଳ ଯୁଗରେ ନିଜକୁ ପ୍ରସ୍ତୁତ କରି ରଖିବା ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଆକ୍ରମଣ ପ୍ରସ୍ତୁତିକୁ କ୍ରମାଗତ ଭାବେ ବଢ଼ାଇବାକୁ ହେବ ଯେପରି ସବୁବେଳେ ଆମେ ଯୁଦ୍ଧ ପାଇଁ ପ୍ରସ୍ତୁତ ବୋଲି ସୁନିଶ୍ଚିତ ହୋଇପାରିବା। ସାମରିକ ପ୍ରସ୍ତୁତିକୁ ଫୋକସ୍‌ରେ ରଖି ଏଥିପାଇଁ ସମସ୍ତ ଶକ୍ତି, ସାମର୍ଥ୍ୟ ଏବଂ



ଜି. ଜିନ୍‌ପିଙ୍ଗ

ସମ୍ବଳର ବିନିଯୋଗ କରିବାକୁ ରାଷ୍ଟ୍ରପତି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସଶସ୍ତ୍ର ବାହିନୀ ଲାଗି ବାର୍ଷିକ ପ୍ରଶିକ୍ଷଣ ଶିବିର ଆରମ୍ଭ କରିବାକୁ ଏକ ନିର୍ଦ୍ଦେଶନାମା ଜିନ୍‌ପିଙ୍ଗ ଜାରି କରିଛନ୍ତି। ୧୭୫ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ପ୍ରତିରକ୍ଷା ବଜେଟ ସହ ପିଏଲ୍‌ଏ ବ୍ୟାପକ ଆଧୁନିକୀକରଣକୁ ଅଧିକ ପ୍ରାଧାନ୍ୟ ଦେଉଛି। ବିଶେଷ କରି ଏହା ନୌସେନା ସାମର୍ଥ୍ୟ ବୃଦ୍ଧି ଲାଗି ଦୁଇଟି ବିମାନବାହୀ ଯୁଦ୍ଧଜାହାଜ ନିର୍ମାଣ କରୁଛି।

ଆମେରିକାର କାର୍ଯ୍ୟକାରୀ ପ୍ରତିରକ୍ଷା ସଚିବ ପାଟ୍ରିକ ଶାନାହାନ ଚାଇନାକୁ ପ୍ରାଥମିକତା ଦେବା ଲାଗି ତାଙ୍କ ସୈନ୍ୟବାହିନୀକୁ ପରାମର୍ଶ ଦେବା ପରେ ଜିନ୍‌ପିଙ୍ଗ ଯୁଦ୍ଧ ପ୍ରସ୍ତୁତିର ଆହ୍ୱାନ ଦେଇଛନ୍ତି। ଶାନାହାନ ଆମେରିକା ସେନାକୁ କହିଥିଲେ, ବର୍ତ୍ତମାନର ସାମରିକ କାର୍ଯ୍ୟାନୁଷ୍ଠାନ ଉପରେ ଧ୍ୟାନ ଦେଲାବେଳେ ଚାଇନାକୁ ମନ ଭିତରେ ରଖିବାକୁ ☞ପୃଷ୍ଠା-୨

# ଆନ୍ଧ୍ର 'ଜନ୍ମଭୂମି'କୁ କାଟିବ ଓଡ଼ିଶାର 'କାଳିଆ'

**ପଟ୍ଟାଙ୍ଗି,୫।୧(ଡି.ଏନ୍.ଏ.)**

କୋରାପୁଟ ଜିଲାର ବିବାଦୀୟ କୋଟିଆ ଗ୍ରାମପଞ୍ଚାୟତକୁ ନେଇ ଆନ୍ଧ୍ର ଏବଂ ଓଡ଼ିଶା ପ୍ରଶାସନ ଏବେ ତତ୍ପର। କିଛିଦିନ ହେବ ଆନ୍ଧ୍ରର ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ନିଜ ସରକାରଙ୍କ 'ଜନ୍ମଭୂମି' କାର୍ଯ୍ୟକ୍ରମକୁ ସୀମାନ୍ତ କୋଟିଆ ଅଞ୍ଚଳରେ ପୁଣିଥରେ ପହଞ୍ଚାଇବା ପାଇଁ ଚେଷ୍ଟା ଚଳାଇଛନ୍ତି। ଆନ୍ଧ୍ରର ପୁନଃ ଅନୁପ୍ରବେଶ ପରେ ତତ୍ପର ହୋଇପଡ଼ିଥିବା କୋରାପୁଟ ଜିଲା ପ୍ରଶାସନ ଓଡ଼ିଶା ସରକାରଙ୍କ ନୂତନ ଯୋଜନା 'କାଳିଆ'କୁ କୋଟିଆବାସୀଙ୍କ ହାତପାଆନ୍ତାରେ ଦେବା ପାଇଁ ଉଦ୍ୟମ ଆରମ୍ଭ କରିଛି।

ଗତ ଶୁକ୍ରବାର କୋଟିଆ ପଞ୍ଚାୟତ ଗସ୍ତରେ ଯାଇଥିଲା କୋରାପୁଟ ଜିଲା ଓ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ। ଏହି ଗସ୍ତର ଦ୍ୱିତୀୟ ଦିନରେ ଶନିବାର ଉପଜିଲାପାଳ ତଥା କୋଟିଆ ପଞ୍ଚାୟତର ନୋଡାଲ ଅଧିକାରୀ ଲଳିତ କୁମାର କଅଁର କୋଟିଆ ଗ୍ରାମପଞ୍ଚାୟତର ନେରଡ଼ିବାଲସା ଗ୍ରାମରେ ରାଜ୍ୟ ସରକାରଙ୍କ କାଳିଆ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଛନ୍ତି। ସେମାନଙ୍କୁ ଯୋଜନା ସମ୍ପର୍କିତ ଫର୍ମ ଦେବା ସହ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପଞ୍ଚାୟତ ଅଧୀନରେ



ନେରେଡିବାଲ୍‌ସାରେ କୋରାପୁଟ ଜିଲା ପ୍ରଶାସନ କାଳିଆ ଯୋଜନା ସମ୍ପର୍କରେ ସଚେତନ କରୁଛି ।

ଥିବା ବୃଦ୍ଧାବୃଦ୍ଧଙ୍କ ଫର୍ମ ପୂରଣ କରି ଅତିଶୀଘ୍ର ଭତ୍ତା ଦିଆଯିବ ବୋଲି ସେ କହିଥିଲେ। ପଟ୍ଟାଙ୍ଗି ବିଧାୟକ ତଥା କୋରାପୁଟ ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାଙ୍ଗି କହିଛନ୍ତି, ସରକାରୀ ଚାକିରି କରିଥିବା ବ୍ୟକ୍ତିଙ୍କୁ ବାଦ୍‌ଦେଇ ଅନ୍ୟ ସମସ୍ତ କ୍ଷୁଦ୍ର, ନାମମାତ୍ର, ଭୂମିହୀନ, ଭାଗଚାଷୀ, କୃଷି ଶ୍ରମିକଙ୍କୁ କାଳିଆ ଯୋଜନାରେ ସାମିଲ କରାଯିବ। କୋଟିଆ ଗ୍ରାମପଞ୍ଚାୟତର ୨୧ଟି ବିବାଦୀୟ ଗାଁର କେହି ଜଣେ ବି ଯେପରି ଏଥିରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଜିଲାପାଳଙ୍କ ସହ ସେ ସ୍ୱତନ୍ତ୍ର ଆଲୋଚନା କରିଥିବା ମଧ୍ୟ କହିଛନ୍ତି।

ଅନ୍ୟପକ୍ଷରେ 'ଜନ୍ମଭୂମି' କାର୍ଯ୍ୟକ୍ରମ ମାଧ୍ୟମରେ ଆନ୍ଧ୍ର ସରକାର ଗଞ୍ଜେଇପଦର ସମେତ ବିଭିନ୍ନ ଗ୍ରାମରେ ପୁଷ୍ଟିକର ଖାଦ୍ୟ ବାଣ୍ଟୁଥିବା ବେଳେ କୋରାପୁଟ ଜିଲା ପ୍ରଶାସନ ଧୂଳିପଦର ଗାଁରେ ରବିବାର ଶୀତବସ୍ତ୍ର ବାଣ୍ଟିବ। ୨ ତାରିଖରୁ ଆରମ୍ଭ ହୋଇଥିବା ସପ୍ତାହବ୍ୟାପୀ 'ଜନ୍ମଭୂମି' କାର୍ଯ୍ୟକ୍ରମରେ ୭ ତାରିଖ ଆନ୍ଧ୍ରର କେତେକ ବିଧାୟକ, ଏମ୍‌ପି ଓ ପ୍ରଶାସନିକ ଅଧିକାରୀ କୋଟିଆ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ସେହି ଦୃଷ୍ଟିରୁ କୋଟିଆ ପଞ୍ଚାୟତକୁ ୮ ତାରିଖ ଯାଏଁ ଗସ୍ତକରି ସୀମାନ୍ତ ଗ୍ରାମରେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ପହଞ୍ଚାଇବା ପାଇଁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କୋରାପୁଟ ଜିଲା ଓ ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ତେବେ ଜିଲା ପ୍ରଶାସନର ଲୋକ ଦେଖାଣିଆ ତରବରିଆ ପଦକ୍ଷେପକୁ ନାପସନ୍ଦ କରିଛନ୍ତି କଂଗ୍ରେସ ଜୋନ-୧ ସଭାପତି ନୃସିଂହନାଥ ବେହେରା, ଜିଲା କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ଭାଜପା ନେତା ତଥା ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି। ରାଜ୍ୟ ସରକାର କୋଟିଆ ପାଇଁ ୧୫୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ ମଧ୍ୟ ଏଯାବତ୍ ତାହା କାମରେ ଲାଗିନାହିଁ। ଆନ୍ଧ୍ର ଅନୁପ୍ରବେଶ ବେଳେ ହିଁ ଜିଲା ପ୍ରଶାସନର ଚେତା ପଶୁଛି। ୧୫ ଦିନ ମଧ୍ୟରେ ରାଜ୍ୟ ସରକାର ଘୋଷଣା କରିଥିବା ଯୋଜନା ଏଠାରେ କାର୍ଯ୍ୟକାରୀ ନକଲେ ଅର୍ଥନୈତିକ ଅବରୋଧ ସହ କୁନ୍ଦୁଲି ହାଟପଦାରେ ଜାତୀୟ ରାଜପଥ ବନ୍ଦ କରିବା ପାଇଁ ଚେତାବନୀ ଦେଇଛନ୍ତି ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି।

**କୋଟିଆରେ ଯୋଜନା କଥା ବୁଝାଇଲା କୋରାପୁଟ ପ୍ରଶାସନ**

NECC NATIONAL EGG CO-ORDINATION COMMITTEE 05.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 70 | 119 | 129 |
| DKL | 71 | 120 | 130 |
| BDK | 75 | 126 | 136 |
| BLS | 76 | 127 | 137 |
| ANG | 74 | 124 | 134 |

*Conditions Apply
Eggs Retail Price- 56/-Dozen
Issued in the Interest of Consumers

AMITY-JEE 2019
AMITY JOINT ENTRANCE EXAM FOR
B.TECH DEGREES OF 9 AMITY UNIVERSITIES
WITH CAMPUSES IN KOLKATA, NOIDA, GURUGRAM, GREATER NOIDA, GWALIOR, JAIPUR, LUCKNOW, MUMBAI, PATNA, RAIPUR AND RANCHI
8th April - 5th May, 2019 AT TEST CENTRES ACROSS INDIA
THE AMITY ADVANTAGE
- Research focussed Faculty, who have filed over 1,000 patents, authored 5,000 books and published 15,000+ research papers
- Faculty with rich teaching experience at leading global universities like Oxford & Purdue
- 5-Week Study Abroad Programme at Amity campuses in London, New York & Singapore (With no additional tuition fees) SAP is available at Amity Campuses in Dubai, France and Australia also
- Brilliant students have filed over 100 patents & published 1100+ Scopus Indexed Research Papers
- 150+ Labs and 20 hi-tech research centres
- Choice of over 1,200 Credit Courses enables students to design their own degree

EXCELLENT PLACEMENTS RECORD
- 3396 B.Tech students placed in 2018-19... and counting
- No. of companies visited: 976
- Alumni earning salary package of over Rs. 1 crore p.a.
- Students selected for higher studies in Stanford, Purdue, Oxford, Cambridge...

Apply now at www.amity.edu/amityjee
AMITY UNIVERSITY
For more information, you can also contact Amity Information Centres at:
Bhubaneswar: 0674-2973576 | Rourkela: 0661-2470110 | Sambhalpur: 0663-2540135




# ମାଲ୍ୟା ପଳାତକ ଆର୍ଥିକ ଅପରାଧୀ ଘୋଷିତ



- ବାଜ୍ୟାପ୍ତ ହେବ ସମ୍ପତ୍ତି
- ଫେବୃୟାରୀ ୫ରେ ଶୁଣାଣି
- ଅପରାଧୀ ଘୋଷିତ ହେବାରେ ପ୍ରଥମ ବିଜ୍‌ନେସ ଟାଇକୁନ

**ମୁମ୍ବାଇ,୫ା୧**

ଫେରାର ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ ଅଦାଲତ ଶନିବାର ପଳାତକ ଆର୍ଥିକ ଅପରାଧୀ ଘୋଷଣା କରିଛନ୍ତି। ଫଳରେ ତାଙ୍କର ସମସ୍ତ ସମ୍ପତ୍ତିକୁ ସରକାର ବାଜ୍ୟାପ୍ତ କରିପାରିବେ। ମାଲ୍ୟାଙ୍କ ପକ୍ଷରୁ ଅପିଲ ପାଇଁ ସମୟ ଲୋଡାଯାଇ ହୋଇଥିବା ଆବେଦନକୁ ବିଚାରପତି ଖାରଜ କରି ରାୟ ଶୁଣାଇଛନ୍ତି। ଆସନ୍ତା ଫେବୃୟାରୀ ୫ରେ ତାଙ୍କର ସମସ୍ତ ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ନେଇ ଅଦାଲତରେ ଶୁଣାଣି କରାଯିବ। ଦେଶରେ ଆର୍ଥିକ ଅପରାଧୀ ଆଇନ, ୨୦୧୮ କାର୍ଯ୍ୟକାରୀ ହେବା ପରେ ମାଲ୍ୟା ପ୍ରଥମ ବିଜ୍‌ନେସ ଟାଇକୁନ ଭାବେ ଅପରାଧୀ ଘୋଷିତ ହୋଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ନୂଆ ଆଇନ ଅଧୀନରେ ମାଲ୍ୟାଙ୍କୁ ପଳାତକ ଆର୍ଥିକ ଅପରାଧୀ ଘୋଷଣା ପାଇଁ ସ୍ଥାନୀୟ ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ ଅଦାଲତରେ ମାମଲା ଦାଏର କରାଯାଇଥିଲା। ଏଥିରୁ ବର୍ତ୍ତିବା ପାଇଁ ସେ ବହୁ ପ୍ରୟାସ କରିଥିଲେ। ଦେଶର ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ନେଇ ଲଣ୍ଡନରେ ବାସ କରୁଥିବା ମାଲ୍ୟାଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ୱେଷ୍ଟମିନିଷ୍ଟର ମାଜିଷ୍ଟ୍ରେଟ୍‌ସ କୋର୍ଟ ରାୟ ଦେଇସାରିଛନ୍ତି।

# ୮, ୯ରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ବାତିଲ

**ଭୁବନେଶ୍ୱର, ୫।୧(ବ୍ୟୁରୋ)**

ଆସନ୍ତା ୮ ଏବଂ ୯ ତାରିଖରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ହେବାକୁ ଥିବା ସମସ୍ତ ପରୀକ୍ଷାକୁ ବାତିଲ କରାଯାଇଛି। କେତେକ ଟ୍ରେଡ୍ ୟୁନିୟନ ପକ୍ଷରୁ ଉପରୋକ୍ତ ଦୁଇଦିନରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ ପକ୍ଷରୁ ପରୀକ୍ଷା ବାତିଲ ପାଇଁ ନିଷ୍ପତ୍ତି ନିଆଯାଇଛି। ସେହି ଦିନର ପରୀକ୍ଷାଗୁଡ଼ିକ କେବେ ହେବ ସେନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

# ରୂପାରୋଶନ୍ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ

**ଭୁବନେଶ୍ୱର,୫ା୧(ବ୍ୟୁରୋ)**



ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ କେତେଜଣ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀଙ୍କ ପଦୋନ୍ନତି କରାଯାଇଛି। ଏ ସଂକ୍ରାନ୍ତ ବିଜ୍ଞପ୍ତି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଭାବେ କାର୍ଯ୍ୟରତ ରୂପାରୋଶନ୍ ସାହୁଙ୍କୁ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି କରାଯାଇଛି। ପଦୋନ୍ନତି ପାଇଥିବା ଅନ୍ୟ ଅଧିକାରୀମାନେ ହେଉଛନ୍ତି– ପାର୍ଥସାରଥି ମିଶ୍ର, ରବୀନ୍ଦ୍ର କୁମାର ମିଶ୍ର, ବିଭୂତି ଭୂଷଣ ପଟ୍ଟନାୟକ, ଡକ୍ଟର ତ୍ରିବିକ୍ରମ ପ୍ରଧାନ, ପ୍ରେମାନନ୍ଦ ଖୁଣ୍ଟିଆ, କବୀର କିଷାନ୍, ଶୁକଦେବ ଦାସ, ପ୍ରମୋଦ ପଣ୍ଡା, ପ୍ରେମାନିଧି ସେଠ୍, ଦ୍ୱିଜରାଜ କର, ମାଧବ ଚନ୍ଦ୍ର ବରିହା, ଦୁଃଖୀଶ୍ୟାମ ପାଇକ ଏବଂ ଗଙ୍ଗାରାମ ପ୍ରଧାନ। ଉପରୋକ୍ତ ସମସ୍ତ ଅଧିକାରୀ ପୂର୍ବ ପଦବୀରେ କାର୍ଯ୍ୟ ଜାରି ରଖିବେ। ହେଲେ କେବଳ ପ୍ରେମାନନ୍ଦଙ୍କ ପୂର୍ବ ପଦବୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି।

# ଦୀପିକାଙ୍କୁ ୩୩



ମୁମ୍ବାଇ: ୨୦୧୮ରେ ପଦ୍ମାବତ୍ ରିଲିଜ ଏବଂ ରଣବୀର ସିଂଙ୍କ ସହିତ ବିବାହ ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ଜାନୁୟାରୀ ୫ରେ ସେ ୩୩ବର୍ଷରେ ପଦାର୍ପଣ କରିବା ସହିତ ନିଜର ୱେବ୍‌ସାଇଟ୍ ଲଞ୍ଚ୍ କରିଛନ୍ତି। ଠିକ୍ ଦିନକ ପୂର୍ବରୁ ଅଭିନେତ୍ରୀ ଇନ୍‌ଷ୍ଟାଗ୍ରାମରେ ଏକ ହସ୍ତଲିଖିତ ଚିଠି ପୋଷ୍ଟ କରି ଆଗକୁ 'ସୁପର ଏକ୍ସାଇଟିଙ୍ଗ୍' ପାଖେଇ ଆସୁଥିବା ଉଲ୍ଲେଖ କରିଥିଲେ। ଏଥିପାଇଁ ତାଙ୍କ ପ୍ରଶଂସକମାନେ କୌତୂହଳୀ ହୋଇପଡ଼ିଥିଲେ। ଅବଗଣନାର ଅନ୍ତ ହେବାପରେ ଦୀପିକା ନିଜର ୱେବ୍‌ସାଇଟ୍ ଲଞ୍ଚ କରିଥିଲେ। ତା' ତଳେ ଉଲ୍ଲେଖ କରିଥିଲେ, 'ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ଦୀପିକାପାଦୁକୋନ୍.କମ। ଲଭ୍, ଦୀପିକା'।

ଉକ୍ତ ପୋଷ୍ଟରେ ଏକ କ୍ୟୁଆର କୋଡ୍ ରହିଛି। ଏଥିରେ ବ୍ୟବହାରକାରୀଙ୍କୁ ପରାମର୍ଶ ଦିଆଯିବା ସହିତ ଦୀପିକାଙ୍କ କ୍ୟାରିୟର ବିଷୟରେ କିଛି ବର୍ଣ୍ଣନା ରହିଛି। ଉକ୍ତ ୱେବସାଇଟ୍‌ରେ ଦୀପିକା ପାଇଥିବା ଆୱାର୍ଡ ଏବଂ ମାନସିକ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ଉଲ୍ଲେଖ ରହିଛି। ବିଭାଘର ପରେ ଏହା ହେଉଛି ଦୀପିକାଙ୍କର ପ୍ରଥମ ଜନ୍ମଦିନ। ସୂଚନାଯୋଗ୍ୟ, ନଭେମ୍ବରରେ ଇଟାଲିର ଲେକ୍ କୋମୋରେ ଦୀପିକା ଓ ରଣବୀରଙ୍କର ଶୁଭ ପରିଣୟ ଅନୁଷ୍ଠିତ ହୋଇଥିଲା। ଯେତେଦୂର ଜଣାଯାଏ ଦୀପିକା 'ଛପକ୍' ଫିଲ୍ମରେ ଏସିଡ ଆକ୍ରମଣର ଶିକାର ହୋଇଥିବା ଜଣେ ତରୁଣୀ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଜନ୍ମଦିନରେ ସେ ମାଧୁରୀ ଦୀକ୍ଷିତ ନେନେ, ପ୍ରୀତି ଜିଣ୍ଟା ଏବଂ ମନୀଷ୍ ମଲହୋତ୍ରାଠାରୁ ଉପହାର ଲାଭ କରିଛନ୍ତି।









ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍ଭୁତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡ଼ା ପୁତ୍ତଳିକା ହେବା ଉଚିତ ନୁହେଁ। –ଶ୍ରୀମା

# ପରମ୍ପରାର ପରାଜୟ



ଆକାର ପଟେଲ

୨୦୧୬ ମସିହାରେ ବାମ ସାମ୍ମୁଖ୍ୟକୁ କେରଳବାସୀ ଭୋଟ ଦେଇ କ୍ଷମତାସୀନ କରିଥିଲେ। କଂଗ୍ରେସ ପରାଜିତ ହେବା ସହ ଏହାର ୭ ପ୍ରତିଶତ ଭୋଟ ଅଂଶ ହରାଇଥିଲା। କିନ୍ତୁ ବାମ ସାମ୍ମୁଖ୍ୟ ମଧ୍ୟ ୨ ପ୍ରତିଶତ ଭୋଟ ହରାଇଥିଲା। ଭୋଟ ହାରରେ କେବଳ ଭାଜପାର ବୃଦ୍ଧି ଘଟିଥିଲା। ଏହା ପ୍ରାୟ ୯ ପ୍ରତିଶତ ଅଧିକ ଭୋଟ ପାଇବା ସହ ଏହାର ମାଲୟାଲୀ ଭୋଟ ଅଂଶ ପୂର୍ବ ଭୋଟ ତୁଳନାରେ ପ୍ରାୟ ଦୁଇଗୁଣ ହୋଇଯାଇଥିଲା।

ଏହା ଭାଜପା ପାଇଁ ଖୁବ୍ ଉତ୍ସାହଜନକ କିନ୍ତୁ ଅନେକ ଦଶନ୍ଧି ହେଲା ଦେଶସାରା ଭାଜପାର ଏହିପରି ବୃଦ୍ଧି ହୋଇଚାଲିଛି। ଗୁଜରାଟରେ ଜନସଂଘ (ଭାଜପାର ପୁରୁଣା ନାମ) ୧୯୭୦ ଦଶକର ମଧ୍ୟଭାଗ ପର୍ଯ୍ୟନ୍ତ ମାତ୍ର ୨ରୁ ୩ ପ୍ରତିଶତ ଭୋଟ ପାଉଥିଲା। କିନ୍ତୁ ଦଳର ନେତୃତ୍ୱ ସାମାନ୍ୟତମ ବ୍ୟକ୍ତିଗତ ସ୍ୱାର୍ଥ ପ୍ରତ୍ୟାଶା ନ ରଖି କଠିନ ପରିଶ୍ରମ କରି ସଂଗଠନକୁ ସୁଦୃଢ଼ କରିଚାଲିଲେ। ତା'ପରେ ଜରୁରୀ ପରିସ୍ଥିତି ଘୋଷଣା ଏବଂ ଅଯୋଧ୍ୟା ଆନ୍ଦୋଳନ ଜନସଂଘ ଓ ପରେ ଭାଜପାକୁ ଆହୁରି ସୁଦୃଢ଼ କରିବାକୁ ସୁଯୋଗ ଦେଲା ଏବଂ ସେ ସୁଯୋଗକୁ ସେମାନେ ହାତଛଡ଼ା କଲେ ନାହିଁ। ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ ଧାର୍ମିକ ପ୍ରସଙ୍ଗକୁ ବ୍ୟବହାର କରୁଥିବାରୁ ଦଳକୁ କେହି ଦୋଷ ଦେଇପାରେ ମାତ୍ର ଲକ୍ଷ୍ୟ ହାସଲରେ ବିଫଳତା ପାଇଁ ଏହାକୁ କେହି ଦୋଷ ଦେଇପାରିବେ ନାହିଁ।

ପାଠକେ ସଚେତନ ଥିବେ ଯେ, ଆର୍ଏସ୍ଏସ୍ ଓ ଭାଜପା କେରଳରେ ସେହି କାମ କରିଛନ୍ତି। ତେବେ ଏଥର ସେମାନଙ୍କର ଯେଉଁ ବୃଦ୍ଧି ଘଟିଛି, ତା' ସହ ବଡ଼ଧରଣର ହିଂସାକାଣ୍ଡ ବି ଘଟିଛି। ପ୍ରତିବେଶୀ ସ୍ତରରେ ଆଧିପତ୍ୟ ପାଇଁ ଲଢ଼େଇ ହେବା ସହ ଅନେକ ଆର୍ଏସ୍ଏସ୍, ଭାଜପା ଓ ବାମପନ୍ଥୀ ଲୋକଙ୍କୁ ହତ୍ୟା କରାଯାଇଛି। ୨୦୧୬ରେ ଭାଜପା ମାତ୍ର ଗୋଟିଏ ଆସନ ଜିତିଥିଲା। କିନ୍ତୁ ଆଗାମୀ ନିର୍ବାଚନରେ ଏହା ରାଜ୍ୟରେ ନିଜକୁ ଏକ ବଡ଼ ଖେଳାଳି ଭାବେ ପ୍ରତିଷ୍ଠିତ କରିବା ନିଶ୍ଚିତ। ଦଳ ସାବରିମାଲା ମନ୍ଦିର ପ୍ରସଙ୍ଗକୁ ଯେପରି ଆକ୍ରମଣାତ୍ମକ ଭାବେ ନେଇଛି, ତାହାଦ୍ୱାରା ସେ ଉଚ୍ଚବର୍ଣ୍ଣର ଭୋଟ ଆକର୍ଷଣ କରିବାରେ ସଫଳ ହେବ। କାରଣ ସମସ୍ତେ ମନ୍ଦିର ଭିତରକୁ ଯାଇପାରିବେ ବୋଲି ନିକଟରେ ସୁପ୍ରିମ୍‌କୋର୍ଟ ଯେଉଁ ରାୟ ଦେଇଛନ୍ତି ତାକୁ ନେଇ ଉଚ୍ଚବର୍ଣ୍ଣର ଲୋକମାନେ କ୍ଷୁବ୍ଧ ଅଛନ୍ତି। ତେବେ ଅନ୍ତିମ ବିଜୟ ମହିଳାମାନଙ୍କର ଏବଂ ପରମ୍ପରା ବଦଳରେ ବ୍ୟକ୍ତି ଅଧିକାରକୁ ସମର୍ଥନ କରୁଥିବା ଲୋକମାନଙ୍କର ହିଁ ହେବ।

ଗତ କିଛିଦିନ ଭିତରେ ତିନିଜଣ ମହିଳା ମନ୍ଦିରରେ ଦର୍ଶନ କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଏହା ସଂସ୍କାରବାଦୀଙ୍କ ସପକ୍ଷରେ ହାୱା ସୃଷ୍ଟି କରିବ। ଯେ ପର୍ଯ୍ୟନ୍ତ କୌଣସି ମହିଳାଙ୍କୁ ଭିତରେ ଦର୍ଶନ କରିବାର ସୁଯୋଗ ମିଳି ନ ଥିଲା, ସେ ପର୍ଯ୍ୟନ୍ତ ପରମ୍ପରାଗତ ଭାବାବେଗ ପ୍ରସଙ୍ଗକୁ ଜ୍ୱଳନ୍ତ ରଖିଥିଲା। ଯେତେ ଅଧିକରୁ ଅଧିକ ମହିଳା ମନ୍ଦିରରେ ଦର୍ଶନ କରିବେ, ପ୍ରସଙ୍ଗ ସେତେ ଦୁର୍ବଳ ହୋଇଯିବ। ଏହା ପୂର୍ବରୁ ମଧ୍ୟ ଭାରତରେ ଆମେ ଏପରି ଘଟଣା ଦେଖିଛୁ।

୧୯୩୦ ଦଶକରେ ଦଳିତଙ୍କୁ ମନ୍ଦିର ପ୍ରବେଶ ପାଇଁ ଅନୁମତି ଦିଆଯିବ କି ନାହିଁ ତାକୁ ନେଇ ବିବାଦ ଦେଖାଦେଇଥିଲା। ମହାତ୍ମା ଗାନ୍ଧୀ ଦଳିତଙ୍କ ମନ୍ଦିର ପ୍ରବେଶକୁ ସମର୍ଥନ କରୁଥିବାରୁ ତାଙ୍କ ବିରୋଧରେ ହିନ୍ଦୁ ଦକ୍ଷିଣପନ୍ଥୀମାନେ ଏକଜୁଟ ହୋଇ ପ୍ରତିବାଦ କଲେ ଓ ଧାରଣା ଦେଲେ। ଅହମଦାବାଦରେ ମୁଖ୍ୟତଃ ପଟେଲମାନଙ୍କ ଦ୍ୱାରା ପରିଚାଳିତ ସ୍ୱାମୀନାରାୟଣ ସମ୍ପ୍ରଦାୟ ଦଳିତଙ୍କ ମନ୍ଦିର ପ୍ରବେଶକୁ ବିରୋଧ କରି ନିଜକୁ ଅଣହିନ୍ଦୁ ଘୋଷଣା କଲେ। ସେମାନେ ଦାବି କଲେ ଯେ, 'ବମ୍ବେ ହରିଜନ ଟେମ୍ପଲ ଏଣ୍ଟ୍ରି ଆକ୍ଟ' ସେମାନଙ୍କ ପାଇଁ ଲାଗୁ ହୋଇପାରିବ ନାହିଁ। କିନ୍ତୁ ଶେଷରେ ଠିକ୍ କଥା ହିଁ କାର୍ଯ୍ୟକାରୀ ହୋଇଥାଏ ଏବଂ ପରମ୍ପରା ନାମରେ ଆମେ କେବେହେଲେ ମଣିଷଙ୍କ ଭିତରେ ପାତରଅନ୍ତର କରିପାରିବୁ ନାହିଁ।

ପଟେଲମାନେ ଦଳିତଙ୍କ ମନ୍ଦିର ପ୍ରବେଶ ବିରୋଧରେ ଲଢ଼େଇ ଜାରି ରଖିଲେ କିନ୍ତୁ ଶେଷରେ ସୁପ୍ରିମ୍‌କୋର୍ଟରେ ସେମାନଙ୍କର ପରାଜୟ ହେଲା। କେରଳରେ ବର୍ତ୍ତମାନ ସମାନ ଜିନିଷ ଘଟିବାକୁ ଯାଉଛି। ଆଉ କିଛିମାସ ବା ବର୍ଷ ଭିତରେ ମହିଳାମାନେ ସାବରିମାଲା ମନ୍ଦିରରେ ପ୍ରବେଶ କଲେ ତାକୁ କେହି ଖରାପ ଭାବିବେ ନାହିଁ ଏବଂ ସବୁକିଛି ସ୍ୱାଭାବିକ ହୋଇଯିବ। ଯେଉଁମାନେ ଏବେ ପରମ୍ପରାର ପରାଜୟକୁ ଗ୍ରହଣ କରିପାରୁ ନାହାନ୍ତି, କାଳକ୍ରମେ ସେମାନଙ୍କ ରାଗ ଶାନ୍ତ ପଡ଼ିଯିବ, ଯେପରି ବର୍ତ୍ତମାନ କେହି ଦଳିତଙ୍କ ମନ୍ଦିର ପ୍ରବେଶକୁ ବିରୋଧ କରୁନାହାନ୍ତି।

ସମାଜରେ ରକ୍ଷଣଶୀଳ ଚିନ୍ତାଧାରା ସବୁବେଳେ ସଂସ୍କାରକୁ ବିରୋଧ କରିଥାଏ। କିନ୍ତୁ ସମୟକ୍ରମେ ସେମାନଙ୍କ ଚିନ୍ତାଧାରା ବଦଳିଥାଏ। ସାବରିମାଲା କ୍ଷେତ୍ରରେ ଭବିଷ୍ୟତରେ ସେହିପରି ହିଁ ଘଟିବ। ତେବେ ପରମ୍ପରାର ପରାଜୟ ସାମୟିକ ଭାବେ ରାଜନୈତିକ ଦୃଷ୍ଟିରୁ ଭାଜପାକୁ ସାହାଯ୍ୟ କରିବ। ମାତ୍ର ପରିଶେଷରେ ଆଇନକୁ ମାନୁଥିବା ଏବଂ ବ୍ୟକ୍ତି ଅଧିକାରକୁ ସମ୍ମାନ ଦେଉଥିବା ସମାଜର ହିଁ ଅଭ୍ୟୁଦୟ ଘଟିବ।

Email: aakar.patel@gmail.com

### ଚିରନ୍ତନୀ

ଜୀର୍ଣ୍ଣ ସେ ବିଧାନ ରାଶି କରେ ଯେବେ
ଆଜି ଅସ୍ୱୀକାର
ଲଭିବାକୁ କ୍ଷମା ତବ ରହୁ ତା'ର
ନ୍ୟାୟ ଅଧିକାର।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | 8 | | | | | | 3 | | | | | | 0 |
| 2 | 0 | | | | | | | | | C | | | 9 | 8 |
| | | 1 | | 7 | | | | 2 | | B | 4 | | | |
| | | | | | | C | 1 | A | | 9 | | B | | |
| | | 4 | 1 | A | | 0 | 8 | 9 | | | 3 | | | C |
| 1 | | A | 7 | 0 | | | E | | C | | B | | 5 | |
| 3 | 7 | | | | | | | 8 | E | A | 5 | | 4 | |
| 6 | | | | | | | | | | | | | | B |
| | | | 8 | | | D | | | 4 | | | 2 | C | 1 |
| | | | | | 2 | | 3 | | | 7 | | 6 | A | |
| | | | | C | | | A | 4 | | | 2 | 3 | | |
| 4 | | 6 | | | | | | | | 1 | 0 | | | 5 |
| 5 | 1 | | | | | 7 | C | | | E | | | | |
| 8 | | C | | | | 1 | | | 9 | | | | | D |
| D | | | | 9 | 6 | | | | 3 | 4 | | | 8 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | E | 4 | 2 | 5 | A | 0 | C | 3 | 6 | 1 | 8 | B | 9 | D |
| 6 | 9 | D | 1 | 0 | 4 | 7 | 8 | B | E | 3 | 2 | A | 5 | C |
| 8 | 3 | 2 | 6 | B | D | A | 5 | E | C | 0 | 9 | 7 | 4 | 1 |
| C | 1 | 5 | E | 7 | 3 | 9 | 2 | 4 | D | B | A | 6 | 8 | 0 |
| B | 0 | A | 9 | C | 8 | 1 | 6 | D | 5 | 4 | 7 | 3 | E | 2 |
| 9 | 8 | 7 | 3 | 1 | B | 2 | D | 5 | 4 | A | C | 0 | 6 | E |
| 0 | 4 | B | A | 6 | 5 | C | 3 | 7 | 9 | D | E | 2 | 1 | 8 |
| A | 2 | E | 0 | D | 9 | 6 | 4 | 1 | 8 | 7 | 5 | C | 3 | B |
| D | 6 | 1 | 4 | 8 | C | E | B | A | 3 | 2 | 0 | 9 | 7 | 5 |
| 3 | 5 | C | 7 | E | 2 | 8 | 9 | 0 | 1 | 6 | B | 4 | D | A |
| 2 | C | 3 | D | 4 | 7 | 5 | A | 6 | 0 | E | 1 | 8 | B | 9 |
| 4 | 7 | 9 | 8 | A | 1 | D | 0 | C | B | 5 | 6 | E | 2 | 3 |
| 1 | B | 6 | C | 3 | 0 | 4 | E | 8 | 2 | 9 | D | 5 | A | 7 |
| 5 | A | 8 | B | 9 | E | 3 | 1 | 2 | 7 | C | 4 | D | 0 | 6 |
| E | D | 0 | 5 | 2 | 6 | B | 7 | 9 | A | 8 | 3 | 1 | C | 4 |

ଗତକାଲିର ଉତ୍ତର

# ଈଶ୍ୱରଙ୍କ ଠିକଣା



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ଈଶ୍ୱର କେଉଁଠି ଥାଆନ୍ତି? ଏହା ଏମିତି ଏକ ପ୍ରଶ୍ନ, ଯାହାର ଉତ୍ତର ଖୋଜିବାକୁ ଯାଇ ଶହ ଶହ ତପସ୍ୱୀଙ୍କ ସାଧନା ନିଷ୍ଫଳ ପ୍ରମାଣିତ ହୋଇଛି। ଏହା ଏମିତି ଏକ ରହସ୍ୟ, ଯାହାକୁ ଭେଦ କରିବାକୁ ଧନ୍ଦି ହୋଇଛନ୍ତି ବୁଦ୍ଧ ଓ ବିବେକାନନ୍ଦମାନେ। ବହୁ ଗବେଷଣା ପରେ ବି ସର୍ବଶେଷ ସିଦ୍ଧାନ୍ତରେ ପହଞ୍ଚି ପାରିନାହାନ୍ତି ଷ୍ଟିଫେନ ହକିନ୍‌ସଙ୍କ ପରି ବିଜ୍ଞାନୀ। ଅଥଚ ସାଧ୍ୟ, ସାଧନା ବା ଜ୍ଞାନବିଜ୍ଞାନଠୁଁ ଦୂରେଇ ଆସି ଈଶ୍ୱରଙ୍କୁ ଖୋଜିଲେ ସେ ମିଳିଯା'ନ୍ତି ମଣିଷର ବିମଳ ବିଶ୍ୱାସରେ। ପୂର୍ଣ୍ଣିମା ଚାନ୍ଦର ଶୁଭ୍ରଶୀତଳ ଜ୍ୟୋତ୍ସ୍ନା ମଧ୍ୟରେ ସେ ଥାନ୍ତି ତ ଅମାବାସ୍ୟାର ଘନ ଅନ୍ଧକାର ମଧ୍ୟରେ ବି ଥାନ୍ତି। ପୁଣି ମନୋରମ ପ୍ରକୃତିର ଗଭୀର ପ୍ରଶାନ୍ତି ଭିତରେ ଥାନ୍ତି ତ ଅଶାନ୍ତ ପ୍ରକୃତିର କରାଳ କୋପ ମଧ୍ୟରେ ଥାନ୍ତି। ଧନପତିର ଐଶ୍ୱର୍ଯ୍ୟ ମଧ୍ୟରେ ଯେମିତି ତାଙ୍କ ଅସ୍ତିତ୍ୱ ଅନୁଭୂତ ହୁଏ, ସେମିତି ହେଉଥାଏ କାଙ୍ଗାଳର ଅଭାବ ଓ ଅସହାୟତା ଭିତରେ। ଚକ୍ଷୁଷ୍ମାନ୍‌ର ଉଜ୍ଜ୍ୱଳ ଜ୍ୟୋତି ଓ ଅନ୍ଧର ଅଭିଶପ୍ତ ଅନ୍ଧାର ମଧ୍ୟରେ ସମଭାବେ ପ୍ରକଟିତ ହେଉଥିବା ଈଶ୍ୱର ସବୁଆଡେ ସବୁ ସମୟରେ ପରିବ୍ୟାପ୍ତ। କେବଳ ତାଙ୍କୁ ଚିହ୍ନିବାର କଳା ଜାଣିଥିଲେ ହେଲା! ତେବେ କିଏ ଏହି ଈଶ୍ୱର? ଏ ପ୍ରସଙ୍ଗରେ ନିମ୍ନୋକ୍ତ ତିନୋଟି କାହାଣୀ ଅନୁଧ୍ୟାନ କରାଯାଉ।

ଜଣେ ଅତି ସାଧାରଣ ଲୋକ ଥିଲେ, ନାଁ ତାଙ୍କର ଆବୁ ବେନ୍ ଆଦାମ୍। ନିଜର ବୋଲି ତାଙ୍କର କିଛି ନ ଥିଲା। ଅନ୍ୟ ଦୁଃଖରେ 'ଆହା' ବୋଇଲେ ସାହା ହେବାକୁ ହାଜର ହୋଇଯିବା ଭଳି ହୃଦୟଟିଏ ଥିଲା ତାଙ୍କର ଏକମାତ୍ର ସମ୍ବଳ। ଈଶ୍ୱର କ'ଣ ସେ ଜାଣି ନ ଥିଲେ। ଜାଣିବାକୁ ଆଗ୍ରହ ବି କରୁ ନ ଥିଲେ କେବେ। ଦିନେ ରାତିରେ ଜଣେ ଅସହାୟ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇ ନିଜ ଭଙ୍ଗା କୁଡିଆରେ ଟିକିଏ ଘୁମେଇ ପଡିଛନ୍ତି, ହଠାତ୍ ଦେଖିଲେ, ଜଣେ ଉଜ୍ଜ୍ୱଳ ଦେବଦୂତ ତାଙ୍କ ଘରକୋଣରେ କ'ଣ ଲେଖି ଚାଲିଛନ୍ତି। ଆଗ୍ରହ ଓ ଆଶ୍ଚର୍ଯ୍ୟ ସହକାରେ ଆବୁ ପଚାରିଲେ, ''ତୁମେ କିଏ? ମୋ' ଘରେ କ'ଣ ଏଠି ଲେଖୁଛ?'' ଅଜ୍ଞାତ ଦିବ୍ୟପୁରୁଷ ଉତ୍ତର ଦେଲେ, ''ଯେଉଁମାନେ ଈଶ୍ୱରଙ୍କୁ ଭଲପାଆନ୍ତି, ମୁଁ ସେମାନଙ୍କର ଏକ ତାଲିକା କରୁଛି।'' ଟିକେ ଦେଖିଲେ, ତହିଁରେ ମୋ ନାମ ଅଛି କି? ଆବୁ ପଚାରିଲେ। ଦେବଦୂତ ମୁଣ୍ଡ ହଲାଇ ନାହିଁ କଲେ। ଆବୁ ଆତଙ୍କିତ ହେଲେ ନାହିଁ ଦେବଦୂତଙ୍କ ଏହି ଘୋଷଣାରେ। ସେ ଶୋଇଗଲେ ଅତି ସହଜ ଭାବରେ।

ତା' ପରଦିନ ରାତିରେ ସେଇ ଉଜ୍ଜ୍ୱଳ ପୁରୁଷଙ୍କୁ ପୁଣି କ'ଣ ଲେଖୁଥିବାର ଦେଖି ଆବୁ ଆଉ ଆଶ୍ଚର୍ଯ୍ୟ ହେଲେ ନାହିଁ। ଯେ ଈଶ୍ୱରଙ୍କ ସ୍ଥିତି ପ୍ରତି ସମ୍ପୂର୍ଣ୍ଣ ଉଦାସୀନ, ସାଧାରଣ ମଣିଷର ସେବା ପାଇଁ ସତତ ସମର୍ପିତ ଯାହାର ଜୀବନ, ତାଙ୍କୁ ଏହି ଐନ୍ଦ୍ରଜାଲିକ ଚମତ୍କାରିତା କାହିଁକି ବା ବିଚଳିତ କରନ୍ତା! ନିଘୋଡ ନିଦରେ ନୀରବି ଯାଉଥିବା ଆବୁଙ୍କୁ ଜାଗ୍ରତ କଲେ ଦେବଦୂତ ଓ ପଚାରିଲେ, ''ଆଜି କ'ଣ ଲେଖୁଛି ଜାଣିବାକୁ ଚାହିଁବନି?'' ନିଃସ୍ପୃହ ଆବୁଙ୍କୁ ନିରୁତ୍ତର ରହିବାର ଦେଖି ସେ ନିଜଆଡୁ ଘୋଷଣା କଲେ, ''ଆଜି ମୁଁ ସେମାନଙ୍କ ତାଲିକା କରୁଛି, ଯେଉଁମାନଙ୍କୁ ଈଶ୍ୱର ଭଲପାଆନ୍ତି ଓ ଏଇ ତାଲିକାରେ ପ୍ରଥମ ନାମଟି ହେଲା, 'ଆବୁ ବେନ୍ ଆଦାମ୍'।''

ଈଶ୍ୱରଙ୍କ ପ୍ରିୟପାତ୍ର ହେବାର ଯୋଗ୍ୟତା ହାସଲ କରିଥିବା ଆବୁଙ୍କ ପରି ଈଶ୍ୱରଙ୍କୁ ପ୍ରତ୍ୟକ୍ଷ କରିଥିବା ପିଟରଙ୍କ କାହାଣୀ ଆହୁରି ରୋମାଞ୍ଚକର। ଈଶ୍ୱରଙ୍କ ସ୍ୱରୂପ ପ୍ରତ୍ୟକ୍ଷ କରିବାର ଦୁର୍ବାର ଅଭିଳାଷ ଯେଉଁଠି ଯୁଗଯୁଗର କଠୋର ତପସ୍ୟା ସତ୍ତ୍ୱେ ଏକ ଅପହଞ୍ଚ ସମ୍ଭାବନା, ସେଠି ପିଟର ଭଳି ଜଣେ ଦରିଦ୍ର ଘୋଡାଗାଡି ଚାଳକର ଅନୁଭବ ଅଭାବନୀୟ। ରାଜା ଯୋଶେଫ୍ ଦିନେ ସର୍ବୋଚ୍ଚ ପାହାଚର ଶୀର୍ଷ ଦେଶରେ ନିର୍ମାଣ କଲେ ଏକ ସୁନ୍ଦର ଗୀର୍ଜାଘର ଓ ଆଦେଶ କଲେ ଯେ ସେଇ ଗୀର୍ଜା ଘରେ ଅନ୍ତତଃ ଥରଟିଏ ପ୍ରାର୍ଥନା କରିବା ପ୍ରତ୍ୟେକ ପ୍ରଜାଙ୍କ ପାଇଁ ବାଧ୍ୟତାମୂଳକ। ରାଜାଙ୍କ ଆଦେଶକୁ ସମ୍ମାନ ଜଣାଇ ପ୍ରତିଦିନ ପ୍ରତ୍ୟେକ ପ୍ରାନ୍ତରୁ ଶହ ଶହ ଲୋକ ଆସି ଗୀର୍ଜା ଘରେ ପ୍ରାର୍ଥନା କରିଚାଲିଲେ। ଶ୍ରଦ୍ଧାଳୁ ଭକ୍ତଜନଙ୍କ ଅପୂର୍ବ ସମାବେଶ ଦେଖି ପରମ ସନ୍ତୁଷ୍ଟିରେ ରାଜା ତାଙ୍କ ରାଜ୍ୟର ସକଳ ପ୍ରଜାଙ୍କୁ ଆଶୀର୍ବାଦର ଆଲୋକ ଦେବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲା ବେଳେ ଶୁଣିପାରିଲେ ଏକ ଐଶ୍ୱରୀୟ ବାଣୀ, ''ପାହାଡ଼ ପାଦଦେଶର ପିଟର ହିଁ କେବଳ ଏକମାତ୍ର ପ୍ରଜା, ଯିଏ ମୋ ଆଶୀର୍ବାଦର ଆଲୋକ ଲାଭ କରିଛନ୍ତି। ତାଙ୍କ ବ୍ୟତୀତ ଦ୍ୱିତୀୟ କେହି ନୁହେଁ।''

ରାଜା ଆଶ୍ଚର୍ଯ୍ୟ ହେଲେ। ନିତିଦିନ ଶହ ଶହ ପ୍ରଜା ଗୀର୍ଜା ଗୃହକୁ ଆସି ପ୍ରାର୍ଥନା କରୁଛନ୍ତି। ଅଥଚ କେବଳ ଜଣେ ପିଟର ହିଁ ଦେଖିଛନ୍ତି ସେଇ ଶାଶ୍ୱତ ଆନନ୍ଦର ଆଲୋକ! ତେବେ କିଏ ସେଇ ପିଟର? ରାଜା ଖୋଜିଲେ ଓ ଶେଷରେ ଭେଟିଲେ ତାଙ୍କୁ। ନିହାତି ସରଳ ସାଦାସିଧା ମଣିଷ। ଦେଖିଲା ମାତ୍ରେ ତାଙ୍କୁ ପଚାରିଲେ, 'କେତେବାର ସେଇ ଦିବ୍ୟ ଆଲୋକ ତୁମେ ଦେଖିଛ ପିଟର?' ଅତ୍ୟନ୍ତ କାକୁସ୍ଥ ଭାବେ ପିଟର ଉତ୍ତର ଦେଲା, 'ଥରେ ବି ଦେଖିନାହିଁ ମଣିମା! ଏ ଯାଏଁ ଥରେ ବି ଗୀର୍ଜା ଗୃହକୁ ଯାଇନାହିଁ।'' ରାଜା ଆଶ୍ଚର୍ଯ୍ୟ ହେଲେ। ଭାବିଲେ ସେ ବୋଧହୁଏ ଭୁଲ ଶୁଣିଛନ୍ତି ବା ଭୁଲ ଲୋକ ପାଖରେ ପହଞ୍ଚି ଯାଇଛନ୍ତି। କ୍ରୋଧିତ ହୋଇ କହିଲେ, ''ମୋ ଆଦେଶ ସତ୍ତ୍ୱେ ଏତେ ପାଖରେ ଥାଇ ମଧ୍ୟ ତୁମେ ଏ ଯାଏ ଗୀର୍ଜାକୁ ଯାଇନାହଁ, ଜାଣିଛ ରାଜାଜ୍ଞା ଅବମାନନାର ପରିଣାମ?''

ପିଟର ଶଙ୍କିତ ହୋଇ ସଫେଇ ଦେଲେ, ''ଅନ୍ୟ ସମସ୍ତଙ୍କ ପରି ଗୀର୍ଜା ଗୃହକୁ ଯାଇ ପରମପିତାଙ୍କୁ ପ୍ରାର୍ଥନା କରିବାକୁ ମୋର ବି ଭାରି ଇଚ୍ଛା। ମାତ୍ର ପ୍ରତିଦିନ ବହୁ ଯାତ୍ରୀଙ୍କୁ ମୋ ଘୋଡାଗାଡିରେ ବସାଇ ପାହାଡ଼ ଶିଖରକୁ ନେବାଆଣିବା ମଧ୍ୟରେ ମୁଁ କେବେ ବି ସମୟ ପାଇନାହିଁ। ଯେବେ ବି ସମୟ ମିଳିଛି, ଯାତ୍ରୀ ବୋହି ବୋହି କ୍ଳାନ୍ତ ହୋଇପଡିଥିବା ମୋ ଘୋଡାଟିକୁ ଖୁଆଇବାରେ ସେଇ ସମୟତକ ବିତିଯାଇଛି। ନିଜର ମୁକ୍ତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିବାଠାରୁ ମୂକ ପଶୁଟିର ପେଟକଥା ବୁଝିବାକୁ ମୁଁ ଅଧିକ ପସନ୍ଦ କରିଛି। ମୋର ଏ ମୂର୍ଖାମି ପାଇଁ ଯାହା ଦଣ୍ଡ ମିଳିବ, ତାହା ମୁଁ ମୁଣ୍ଡପାତି ସହିନେବି ମଣିମା।'' ରାଜା ଯୋଶେଫ୍‌ଙ୍କର ଆଉ ବୁଝିବାକୁ ବାକି ନ ଥିଲା ଯେ ଏ ହେଉଛନ୍ତି ଈଶ୍ୱରଙ୍କର ସେଇ ପ୍ରିୟପୁତ୍ର ପିଟର, ଯିଏ ଦିବ୍ୟାଲୋକ ଦେଖିବାର ସୌଭାଗ୍ୟ ଲାଭ କରିଛନ୍ତି। ଅଥଚ ସେ ନିଜେ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ। ସରଳ ଜୀବନଧାରାର କି ମହନୀୟ ସ୍ୱୀକୃତି!

ଏ ନିବନ୍ଧର ତୃତୀୟ କାହାଣୀଟି ଟିକିଏ ନିଆରା। ଏଠାରେ ଈଶ୍ୱରଙ୍କ ପରିଚୟର ପରିଭାଷା ଟିକେ ରହସ୍ୟମୟ। ନଗରୀର ସବୁଠୁଁ ଧନୀ ବ୍ୟବସାୟୀ ସେଠ୍ ଚମନଲାଲଙ୍କୁ ଥରେ ରାତିରେ ନିଦ ହେଲାନାହିଁ। ବ୍ୟବସାୟିକ ବ୍ୟସ୍ତତା ମଧ୍ୟରେ କୋଟି କୋଟି ଟଙ୍କାର ଐଶ୍ୱର୍ଯ୍ୟ ତାଙ୍କ ଆଖିରେ ବିନା ମୂଲ୍ୟରେ ଉପଲବ୍ଧ ନିଦ ଟିକିଏ ଭରିଦେଇ ପାରିଲାନାହିଁ। କେବଳ ସେ ରାତିଟି ନୁହେଁ, ଏହା ପୂର୍ବରୁ ଦୁଇତିନି ରାତି ମଧ୍ୟ ସେ ଭଲଭାବେ ଶୋଇପାରି ନ ଥିଲେ। ସେ ରାତିଟି ସେ ବିନା ନିଦ୍ରାରେ ବିତାଇବାକୁ ନ ଚାହିଁ କିଛି ନିଦ ବଟିକା ବି ସେବନ କରିବା ସତ୍ତ୍ୱେ ଆଖିକୁ ତଥାପି ନିଦ ଆସିଲା ନାହିଁ। ତୃତୀୟ ରାତି ଅତିକ୍ରମ କରିବାକୁ ଯାଉଥିଲା ବେଳେ ସେ ଅଥୟ ହୋଇପଡିଲେ ଓ ଗ୍ୟାରେଜରୁ ଗାଡି ବାହାର କରି ସହର ଶେଷମୁଣ୍ଡରେ ନିଜେ ଗଢିଥିବା ମନ୍ଦିର ଉଦ୍ଦେଶ୍ୟରେ ଚାଲିଲେ। ମନ୍ଦିରର ପ୍ରବେଶପଥରେ ପହଞ୍ଚି ଲକ୍ଷ୍ୟକଲେ ମନ୍ଦିର ପ୍ରାଙ୍ଗଣରେ କେହି ଜଣେ ବସିଛନ୍ତି। ସେ ଆଶ୍ଚର୍ଯ୍ୟ ହେଲେ, ଏତେ ରାତିରେ କିଏ ପୁଣି ଏଠି ଆଶ୍ରୟ ନେଇଛନ୍ତି। ସେ ଗାଡି ରଖି ପଚାରିଲେ, ''କିଏ ତୁମେ? ଏଠାରେ କାହିଁକି ବସିଛ?''

ଶୁଭିଲା ଅତ୍ୟନ୍ତ ଅସହାୟ ଏକ କଣ୍ଠସ୍ୱର– ''ଆଉ କେଉଁଠି ବସିବି? ରାତି ପାହିବାକୁ ଅପେକ୍ଷା କରିଛି। ସକାଳ ହେଲେ ହସ୍ପିଟାଲରେ ଥିବା ମୋ ପତ୍ନୀଙ୍କୁ ନେଇ ଗାଁକୁ ଚାଲିଯିବି।'' ସେଠ୍ ଚମନଲାଲଙ୍କୁ ବଡ ରହସ୍ୟମୟ ଲାଗିଲା ଆଗନ୍ତୁକଙ୍କ ଉତ୍ତର। ତାଙ୍କଠାରୁ ସମ୍ପୂର୍ଣ୍ଣ ବିବରଣୀ ଶୁଣିଲା ପରେ ସେ ହତବାକ୍ ହୋଇଗଲେ। ଲୋକଟି ଅତ୍ୟନ୍ତ ଦରିଦ୍ର। ସ୍ତ୍ରୀ ତା'ର ଅସାଧ୍ୟ ରୋଗରେ ପୀଡିତା। ପନ୍ଦର ଦିନ ଧରି ହସ୍ପିଟାଲରେ ପଡିଛି। ବିନା ଅପରେଶନରେ ରୋଗ ଭଲ ହେବନି ବୋଲି କହି ଡାକ୍ତର ତାଙ୍କୁ ନେଇଯିବାକୁ ଚରମବାଣୀ ଶୁଣାଇଛନ୍ତି। ପାଖରେ ଟଙ୍କା ନାହିଁ ପତ୍ନୀର ଜୀବନ ବଞ୍ଚାଇବାକୁ। ପତ୍ନୀର ଯନ୍ତ୍ରଣାକାତର ମୁହଁକୁ ଚାହିଁ ନ ପାରି ହସ୍ପିଟାଲ ଛାଡି ସେ ମନ୍ଦିରରେ ରାତି ବିତାଉଛନ୍ତି।

ଆଖିର ଟିକିଏ ନିଦ ପାଇଁ ବିକଳ ହୋଇ ଚରମ ଅସ୍ୱସ୍ତି ମଧ୍ୟରେ ମନ୍ଦିରକୁ ଆସିଥିବା ଚମନଲାଲ ଅର୍ଥଶକ୍ତିର ଅସାରତା ଉପଲବ୍ଧି କରି ସାରିଥିଲେ। ସୁତରାଂ ପକେଟ୍‌ରେ ଥିବା ପର୍ସରୁ ଗୋଛାଏ ଟଙ୍କା କାଢି ସେ ଲୋକଟି ହାତରେ ଧରାଇଦେଇ କହିଲେ, 'କାଲି ତୁମ ପତ୍ନୀଙ୍କର ଅପରେଶନ କରାଅ। ଯଦି ଅଧିକ ଅର୍ଥର ଆବଶ୍ୟକ ପଡେ, ମୋର ଏହି ଠିକଣାରେ ଯୋଗାଯୋଗ କଲେ ମୁଁ ତୁମ ପାଖରେ ପହଞ୍ଚାଇ ଦେବି। ଚରମ ପରିତୃପ୍ତିରେ ଗାଡି ଫେରାଇ ଘରକୁ ଫେରିବାକୁ ବସିଛନ୍ତି, ଲୋକଟି ତାଙ୍କ ଠିକଣା କାର୍ଡଟି ତାଙ୍କୁ ଫେରାଇ ଦେଇ କହିଲା, ''ଆପଣଙ୍କ ଠିକଣା ଜାଣିବା ମୋର ଲୋଡା ନାହିଁ। ମୁଁ ତାଙ୍କ ଠିକଣା ଜାଣେ, ଯିଏ ଏହି ଗଭୀର ନିଶାର୍ଦ୍ଧରେ ଆପଣଙ୍କୁ ଏଠାକୁ ପଠାଇ ମୋ ଭିତରେ ପତ୍ନୀର ଜୀବନରକ୍ଷାର ଆଶା ସଞ୍ଚାର କରିଛନ୍ତି।'' ଉପରକୁ ହାତଟେକି ଲୋକଟି ଆବେଗରେ କାନ୍ଦି ପକାଉଥିଲା। ଧନପତି ଚମନଲାଲଙ୍କ ଆଖିରେ ନିଦ ଝାଙ୍କି ପଡୁଥିଲା।

ମୋ–୮୮୯୫୬୨୪୧୦୫

# ପରୋକ୍ଷ ଟିକସର ବାର୍ତ୍ତାବହ

### ବ୍ୟକ୍ତିତ୍ୱ



ପ୍ରଣବ କୁମାର ଦାସ

କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମାଶୁଳ୍କ ବୋର୍ଡ (ସିବିଆଇସି) ପରୋକ୍ଷ କର କ୍ଷେତ୍ରରେ ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ଭାବେ ପରିଚିତ। ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପ୍ରଚଳନ ପରେ ଏହାର ପରିସର ବ୍ୟାପକ ହୋଇଛି। ପରୋକ୍ଷ ଟିକସ ହିସାବରେ ଅନେକ ପ୍ରକାରର ଝିନ୍‌ଝଟ ଥିବାରୁ ଏହାର ମୁଖ୍ୟଙ୍କ ଭୂମିକା ସର୍ବଦା ଗୁରୁତ୍ୱ ବହନ କରିଥାଏ। ନିକଟରେ ପ୍ରଣବ କୁମାର ଦାସ ସିବିଆଇସିର ଅଧ୍ୟକ୍ଷ ନିଯୁକ୍ତ ହୋଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ଓଡ଼ିଆ ଅଧିକାରୀ ପ୍ରଣବ ଭୁବନେଶ୍ୱର ୟୁନିଟ୍–୧ ବାଳକ ହାଇସ୍କୁଲରୁ ୧୯୭୪ରେ ସ୍କୁଲ ଶିକ୍ଷା ଶେଷ କରିବା ପରେ ବିଜେବି ମହାବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରୁ ଅର୍ଥନୀତିରେ ସ୍ନାତକୋତ୍ତର ହାସଲ କରିବା ପରେ ସେ ୟୁନିଭର୍ସିଟି ଅଫ୍ ବାଙ୍ଗାଲୋରରୁ ଆଇନରେ ସ୍ନାତକ ଅର୍ଜନ କରିଥିଲେ। ପଢ଼ା ପ୍ରତି ପ୍ରବଳ ଆଗ୍ରହ ଓ ବୃତ୍ତିଗତ ଜୀବନରେ ଉତ୍କର୍ଷ ପ୍ରତିପାଦନ କରିବାକୁ ଯାଇ ସେ ୟୁନିଭର୍ସିଟି ଅଫ୍ ମାଡ୍ରାସରୁ 'ଜିଏସ୍‌ଟି ଏବଂ ଇଣ୍ଡିଆଜ୍ ଇକୋନୋମିକ୍ ସିକ୍ୟୁରିଟି ଅଣ୍ଡର ଗ୍ଲୋବାଲାଇଜେଶନ' ଉପରେ ଅଧ୍ୟୟନ କରିଛନ୍ତି। ୧୯୮୩ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ପ୍ରଣବ ବୃତ୍ତିଗତ ଜୀବନର ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରିଛନ୍ତି। ଟିକସ କ୍ଷେତ୍ରରେ ଦୀର୍ଘ ୩୨ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ବହନ କରିଥିବା ଏହି ଅଧିକାରୀଙ୍କ ସ୍ମଗ୍ଲିଂ ଓ କମର୍ସିଆଲ୍, ଆର୍ଥିକ ବ୍ୟାପାର ସଂକ୍ରାନ୍ତ ଗୋଇନ୍ଦା ତଥ୍ୟ ସଂଗ୍ରହ, ସମ୍ପତ୍ତି ବାଜ୍ୟାପ୍ତି, ମନିଲଣ୍ଡରିଂ ଇନ୍‌ଭେଷ୍ଟିଗେଶନ ଉପରେ ବିଶେଷ ଦକ୍ଷତା ରହିଛି। ତାମିଲନାଡୁର ଚେନ୍ନାଇଠାରେ ସେ ୨୦୧୫ରେ ସୀମାଶୁଳ୍କର ମୁଖ୍ୟ କମିଶନର ରହିଥିଲେ। ପରେ ୨୦୧୭ ସେପ୍ଟେମ୍ବର ୧ରୁ ୨୦୧୮ ଡିସେମ୍ବର ୩୧ ଯାଏ ସିବିଆଇସି ସଦସ୍ୟ (ସୀମାଶୁଳ୍କ) ଭାବେ କାର୍ଯ୍ୟ କରିଛନ୍ତି। ୨୦୨୦ ଏପ୍ରିଲ ୩୦ ଯାଏ ପ୍ରଣବ ସିବିଆଇସିର ଅଧ୍ୟକ୍ଷ ଭାବେ ଦାୟିତ୍ୱରେ ରହିବେ। ଜିଏସ୍‌ଟି, ସୀମାଶୁଳ୍କ ସଂସ୍କାର ତଥା ବାଣିଜ୍ୟ ସୁବିଧା ପ୍ରଦାନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ରହିବ। ପୂର୍ବରୁ ସୀମାପାର ବାଣିଜ୍ୟ ବା ଟ୍ରେଡିଂ ଆକ୍ରସ ବର୍ଡର (ଟିଏବି) ମାନଦଣ୍ଡର ଉନ୍ନତି ପାଇଁ ସରକାରଙ୍କ ଜାତୀୟ ବାଣିଜ୍ୟ ସୁବିଧା କ୍ରିୟାନ୍ୱୟନ ଯୋଜନା ଓ କାର୍ଯ୍ୟକ୍ରମରେ ତାଙ୍କ ଉଲ୍ଲେଖନୀୟ ଅବଦାନ ରହିଥିଲା। ଫଳରେ ଭାରତ ବିଶ୍ୱବ୍ୟାଙ୍କ ର୍‍ୟାଙ୍କିଙ୍ଗ୍‌ରେ ୨୦୧୭ରେ ୧୪୬ତମ ସ୍ଥାନରେ ରହିଥିବା ବେଳେ ୨୦୧୮ରେ ୮୦କୁ ଉନ୍ନୀତ ହୋଇଥିଲା। ସେହିପରି ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ୍ (ଇଓଡିବି)ରେ ଭାରତ ୨୦୧୭ରେ ୧୦୦ତମ ସ୍ଥାନରେ ଥିବା ବେଳେ ୨୦୧୮ରେ ୭୭କୁ ଉଠିଆସିଛି। ସେହିପରି ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ସେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ମୁଖ୍ୟାଳୟ)ରେ ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ଏହି ସମୟରେ ଭାରତରେ ପ୍ରିଭେନ୍‌ଶନ ଅଫ୍ ମନି ଲଣ୍ଡରିଂ ଆକ୍ଟ ବା ପିଏମ୍ଏଲ୍ଏର ସୁଗମ କାର୍ଯ୍ୟକାରିତା ନେଇ ସେ ପଦକ୍ଷେପ ନେଇ ପ୍ରଶଂସିତ ହୋଇଛନ୍ତି। ତାଙ୍କର ପଦକ୍ଷେପ ଯୋଗୁ ଭାରତ ଫାଇନାନ୍‌ସିଆଲ୍ ଆକ୍ସନ ଟାସ୍କଫୋର୍ସ (ଏଫ୍ଏଟିଏଫ୍)ରେ ସଦସ୍ୟତା ହାସଲ କରିପାରିଛି। ଅନୁରୂପ ଭାବେ ୨୦୧୬ରେ ତମାଖୁର ବେଆଇନ କାରବାରକୁ ରୋକିବା ସକାଶେ ପ୍ରଣିତ ପ୍ରୋଟକଲ୍‌କୁ କାର୍ଯ୍ୟକାରୀ କରିବାରେ ଜଣେ ବିଶେଷଜ୍ଞ ଭାବେ ସେ ମନୋନୀତ ହୋଇଥିଲେ। ଫଳରେ ଭାରତ ୨୦୧୮ ଜୁନ୍‌ରେ ସେହି ପ୍ରୋଟକଲ୍‌ର ଉପରକୁ ଉଠିବାରେ ସଫଳ ହୋଇପାରିଥିଲା। ଏହାସହିତ ଡବ୍ଲ୍ୟୁସିଓ, ଡବ୍ଲ୍ୟୁଏଚ୍‌ଓ, ଏଫଏଟିଏଫ୍ ଭଳି ବିଭିନ୍ନ ଅନ୍ତର୍ଜାତୀୟ ମଞ୍ଚରେ ଭାରତ ପାଇଁ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରି ମୂଳଚାଳ କରିବାରେ ପ୍ରଣବଙ୍କ ଯଥେଷ୍ଟ ଅଭିଜ୍ଞତା ରହିଛି। ବୃତ୍ତିଗତ ଦକ୍ଷତାରେ ଉତ୍କର୍ଷ ପ୍ରତିପାଦନ ନିମନ୍ତେ ୨୦୧୪ ସାଧାରଣତନ୍ତ୍ର ଦିବସ ଅବସରରେ ତାଙ୍କୁ ରାଷ୍ଟ୍ରପତିଙ୍କ ପ୍ରଶଂସାପତ୍ର ମିଳିପାରିଥିଲା। ସିବିଆଇସିର ଅଧ୍ୟକ୍ଷ ହେବାରେ ପ୍ରଣବ ପ୍ରଥମ ଓଡ଼ିଆ। ଜିଏସ୍‌ଟି ରୂପାୟନରେ ଅନ୍ୟତମ ଓଡ଼ିଆ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ସହ ସେ କାର୍ଯ୍ୟକରି ନିଜର ଦକ୍ଷତା ଦେଖାଇପାରିଛନ୍ତି। ପରୋକ୍ଷ ଟିକସକୁ ସରଳୀକରଣ କରିବା ସହ ବ୍ୟବସ୍ଥାରେ ଉନ୍ନତି ଆଣିବା ଦିଗରେ ପ୍ରଣବ ଅଭିନବତ୍ୱ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

–ଜିତେନ୍ଦ୍ର କୁମାର ନାୟକ

### ଏଇ ଭାରତରେ

ଅଜାଣତରେ କେତେକ ବ୍ୟକ୍ତି କିଛି ଅଖାଦ୍ୟ ଗିଳି ପକାଇଥାଆନ୍ତି। ଏହା ଖୁବ୍ ସମସ୍ୟାର କାରଣ ହୋଇଥାଏ। ଏପରି କି ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଥାଏ। ଆବଶ୍ୟକ ପଡ଼ିଲେ ଅସ୍ତ୍ରୋପଚାର କରି ଏହି ଜଟିଳ ପଦାର୍ଥକୁ ପାକସ୍ଥଳୀରୁ ବାହାର କରିବାକୁ ପଡ଼େ। ଏପରି ଏକ ଘଟଣାକ୍ରମରେ ଜଣେ ଯୁବକ ଟୁଥ୍‌ବ୍ରଶ୍ ଗିଳିଦେବା ଘଟଣା ସମସ୍ତଙ୍କୁ ବିସ୍ମିତ କରିଛି। ଏପରି ଏକ ଘଟଣା ଘଟିଛି ନୂଆଦିଲ୍ଲୀରେ। ଦିଲ୍ଲୀର ଜଣେ ଯୁବକଙ୍କ ପେଟରୁ ଏଣ୍ଡୋସ୍କୋପି ଦ୍ୱାରା ଏକ ଟୁଥ୍‌ବ୍ରସ୍ ବାହାର କରାଯାଇଛି। ଗଳା ସଫାକରିବା ପାଇଁ ଜଣେ ବାବା ଯୁବକଙ୍କୁ ପରାମର୍ଶ ଦେଇଥିଲେ। ଆବିଦ୍ ନାମକ ଏହି ଯୁବକ ଗଳା ସଫାକରୁଥିବା ବେଳେ ଟୁଥ୍‌ବ୍ରଶ୍ ଖାଦ୍ୟନଳୀରେ ପଶିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ବ୍ରଶ୍‌କୁ ଖାଦ୍ୟନଳୀରୁ ବାହାର କରିବାକୁ ପ୍ରୟାସ କରିଥିଲେ ମଧ୍ୟ ତାହା ପେଟକୁ ଚାଲିଯାଇଥିଲା। ଏହାପରେ ଏଣ୍ଡୋସ୍କୋପି କରାଯାଇ ବ୍ରସ୍‌କୁ ପେଟ ଭିତରୁ ବାହାର କରାଯାଇଥିଲା। ବିଳମ୍ବ ହୋଇଥିଲେ ବ୍ରସ୍ ଅନ୍ତନଳୀରେ କ୍ଷତ ସୃଷ୍ଟି କରିଥାଆନ୍ତା ବୋଲି ଡାକ୍ତର କହିଛନ୍ତି।

### ୨୫ ବର୍ଷ ତଳର ଧରିତ୍ରୀ

୬ ଜାନୁୟାରୀ ୧୯୯୪

- ବିଶିଷ୍ଟ ଓଡ଼ିଆ କବି ତଥା ସର୍ବଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ସୀତାକାନ୍ତ ମହାପାତ୍ର ୧୯୯୩ ବର୍ଷ ପାଇଁ ଦେଶର ସର୍ବଶ୍ରେଷ୍ଠ ସାରସ୍ୱତ ସମ୍ମାନ ଜ୍ଞାନପୀଠ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।
- ଗତ ବିଧାନସଭା ନିର୍ବାଚନ ବେଳେ ସହର ବଜାରର ବିଭିନ୍ନ କାନ୍ଥ ଓ ପାଚେରିରେ ଲେଖିଥିବା ଦଳୀୟ ସ୍ଲୋଗାନକୁ ଆସନ୍ତା ୩୧ ତାରିଖ ସୁଦ୍ଧା ଲିଭାଇ ହ୍ୱାଇଟ ୱାଶ୍ କରିଦେବାକୁ ସମସ୍ତ ରାଜନୈତିକ ଦଳକୁ ମୁଖ୍ୟ ନିର୍ବାଚନ କମିଶନର ଟି.ଏନ. ଶେଷାନଙ୍କ କଡ଼ା ନିର୍ଦ୍ଦେଶ।

## ପାଠକ ଶ୍ରେଷ୍ଠ ବିଚାରକ

### କା'ରେ ଚାଲିଛି ପରିଚାଳନା

ମହାଶୟ,

ଧରିତ୍ରୀ(୩୧।୧୨)ର ମୁଖ୍ୟ ଖବର ''କା'ରେ ଚାଲିଛି ପରିଚାଳନା'' ପାଠ କଲି। ପ୍ରକୃତରେ ସରକାର ଏକାନ୍ତ ଭାବେ ଜଣେ କାର୍ଯ୍ୟଦକ୍ଷ ପରିଚାଳକ ନିଯୁକ୍ତ ନ କରି ତାଙ୍କୁ ତାଙ୍କ ଦାୟିତ୍ୱ ସହ ଶ୍ରୀମନ୍ଦିର ପରିଚାଳନା ଭଳି ଅତିରିକ୍ତ ଗୁରୁଦାୟିତ୍ୱ ପ୍ରଦାନ କଲେ ସେ କୌଣସି ଦାୟିତ୍ୱ ସୁଚାରୁରୂପେ ତୁଲାଇପାରିବେ ନାହିଁ। ମହାପ୍ରଭୁଙ୍କୁ ସରକାର ଏତେଟା ଶସ୍ତା ଦୃଷ୍ଟିରେ ଦେଖିଲେ ଚଳିବ ନାହିଁ। ତେଣୁ ଶ୍ରୀମନ୍ଦିର ଦାୟିତ୍ୱ ପୂର୍ଣ୍ଣରୂପେ ଜଣେ ଦକ୍ଷ ଅଫିସରଙ୍କୁ ପ୍ରଦାନ କଲେ ପରିଚାଳନାଗତ ବିଭ୍ରାଟ ହ୍ରାସ ପାଇବ।

ଗିରିଜାପ୍ରସାଦ ମହାନ୍ତି, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର

### ବିଡ଼ମ୍ବିତ ନ୍ୟାୟ

କୁହାଯାଏ, ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ। ପ୍ରତିଦିନ ଟିଭି ଆଉ ଖବରକାଗଜରୁ ଚୋରି, ଡକାୟତି, ବଳାତ୍କାର, ଚିଟ୍‌ଫଣ୍ଡ ଠକେଇ, ପିସି ଏବଂ ଲାଞ୍ଚ କାରବାରର ଖବର ପଢିବାକୁ ବା ଶୁଣିବାକୁ ମିଳୁଛି। କିନ୍ତୁ ଦଣ୍ଡ କେତେଜଣ ପାଉଛନ୍ତି? ଜନତାଙ୍କ ଚାପରେ ପୋଲିସ କେଉଁ ଏକ ଦୁର୍ବଳ ଦଫା ଲଗାଇ କୋର୍ଟକୁ ଫରୱାର୍ଡ କରିଦିଏ। ଅଭିଯୁକ୍ତ ଆରାମରେ କୋର୍ଟରୁ ଖସିଯାଏ। ଯଦି ବି ଦୋଷୀ ସାବ୍ୟସ୍ତ ହୁଏ, ସେ ତା'ର ଅର୍ଥ ବଳରେ ତଳ କୋର୍ଟରୁ ଉପର କୋର୍ଟ ହୋଇ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯାଏ। ବିଚାର ବିଭାଗର କାର୍ଯ୍ୟଶୈଳୀ ଏତେ ମନ୍ଥର ଯେ, ମୁଦାଲା ମୁଦେଇ ମରିଗଲେ ବି ମାମଲାର ଅନ୍ତ ଘଟେନାହିଁ। ଯଦି ବି ମୁଦାଲାମୁଦେଇ ମରି ନ ଥାନ୍ତି, ତେବେ ଅତ୍ୟନ୍ତ ପରିଣତ ବୟସରେ ପହଞ୍ଚି ଯାଇଥାନ୍ତି। ସେତେବେଳେ ଯଦି ବି ତାଙ୍କୁ ଦଣ୍ଡ ମିଳେ, ସରକାରଙ୍କ ବଦାନ୍ୟତା ବଳରେ ତାହା ଅନେକ ଦିନ ଧରି ନାଲିଫିତା ତଳେ ଚାପିହୋଇ ରହିଯାଏ। ୧୯୮୪ରେ ଇନ୍ଦିରା ଗାନ୍ଧୀଙ୍କୁ ଜଣେ ଶିଖ୍ ଯବାନ ଗୁଳିକରି ହତ୍ୟା କରିଥିଲେ। ସେଥିପାଇଁ ଦଙ୍ଗାରେ ପ୍ରାୟ ୮୦୦୦ ଲୋକଙ୍କ ମୃତ୍ୟୁହେଲା। ଦୀର୍ଘ ୩୪ ବର୍ଷ ପରେ ଦିଲ୍ଲୀ ହାଇକୋର୍ଟ ସଜ୍ଜନ କୁମାର ନାମକ ଷଡ଼ଯନ୍ତ୍ରକାରୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସେ ହୁଏତ ସୁପ୍ରିମକୋର୍ଟ ଯିବେ। ସୁପ୍ରିମ୍‌କୋର୍ଟ କେତେଦିନ ପରେ କି ରାୟ ଦେବେ– ସେତେବେଳେ ଦଣ୍ଡ ଭୋଗ କରିବାକୁ ସଜ୍ଜନ କୁମାର ବଞ୍ଚିଥିବେ ତ?

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଲିଫ୍ଟ ଅଚଳ: ରୋଗୀ ହଇରାଣ

ପାରଳାଖେମୁଣ୍ଡି, ୫।୧(ସ୍ୱ.ପ୍ର.): ଗଜପତି ଜିଲା ମୁଖ୍ୟ ଚିକିତ୍ସାଳୟରେ ନାନା ଅବ୍ୟବସ୍ଥା ଲାଗିରହିଛି। ଚିକିତ୍ସାଳୟ ପରିସରସ୍ଥ ସ୍ତ୍ରୀ ଓ ପ୍ରସୂତି ବିଭାଗ ନୂତନ କୋଠାର ଲିଫ୍ଟ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ଫଳରେ ଏଠାକୁ ଆସୁଥିବା ରୋଗୀ ଓ ସେମାନଙ୍କ ସହାୟକମାନେ ତିନି ମହଲା ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତୀ ବିଭାଗକୁ ଯିବାନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାହାଚ ଯୋଗେ ଉପରକୁ ଚଢ଼ି ପୁଣି ଓହ୍ଲାଇବାବେଳେ ବୃଦ୍ଧାବୃଦ୍ଧମାନେ ଥକିପଡୁଥିବା ଦେଖିବାକୁ ମିଳୁଛି। ଉକ୍ତ ନୂତନ ବିଭାଗ କାର୍ଯ୍ୟକ୍ଷମ ହୋଇ ଦୀର୍ଘଦିନ ବିତିଯାଇଥିଲେ ମଧ ଲିଫ୍ଟ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ ମିଶ୍ରଙ୍କୁ ପଚାରିବାରୁ ସମସ୍ୟା ଦୂର ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ସାଇକେଲ ଦୋକାନରେ ଅଗ୍ନିକାଣ୍ଡ

ପାରଳାଖେମୁଣ୍ଡି, ୫।୧(ସ୍ୱ.ପ୍ର.): ଗଜପତି ଜିଲା ପାରଳାଖେମୁଣ୍ଡି ନୂତନ ବସ୍‌ଷ୍ଟାଣ୍ଡ ପରିସରସ୍ଥ ପି.ମାଲାଙ୍କ ସାଇକେଲ ଦୋକାନରେ ଶନିବାର ସକାଳ ୬ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ କିଛି ସରଞ୍ଜାମ ତଥା ଟାୟାର ଟିୟୁବ ସମେତ ମରାମତି ପାଇଁ ଥିବା କେତୋଟି ସାଇକେଲ ଜଳିଯାଇଛି। କେତେଜଣ ବ୍ୟକ୍ତି ଦୋକାନରୁ ଧୂଆଁ ଉଠୁଥିବା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଇଭିଏମ୍, ଭିଭି ପାଟ୍ ସଂକ୍ରାନ୍ତରେ ସଚେତନ କରିବ ରଥ

ପାରଳାଖେମୁଣ୍ଡି, ୫।୧(ସ୍ୱ.ପ୍ର.)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରରେ ଶନିବାର ଦ୍ୱିତୀୟ ପର୍ଯ୍ୟାୟ ଇଭିଏମ୍, ଭିଭି-ପାଟ୍ ସଂକ୍ରାନ୍ତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅନୁପମ ଶାହା ଯୋଗଦେଇଥିଲେ। ପ୍ରଶିକ୍ଷକ ଭାବେ ଗୋଷାଣୀ ବ୍ଲକ ଉନ୍ନୟନ ଅଧିକାରୀ ସଂଗ୍ରାମ ଶେଖର ପଣ୍ଡା, ଅତିରିକ୍ତ ଉପଜିଲାପାଳ ସରୋଜ କୁମାର ବେହେରା ଓ ମାଷ୍ଟର ଟ୍ରେନର ପ୍ରତାପ ପଣ୍ଡା ଯୋଗଦେଇ ଏହି ମେଶିନଗୁଡିକର ଡେମୋ ପ୍ରଦର୍ଶନ କରି ବ୍ୟବହାର ସମ୍ପର୍କରେ ବୁଝାଇଥିଲେ। ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଜିଲା ନିର୍ବାଚନ ଅଧିକାରୀ ଅଚ୍ୟୁତାନନ୍ଦ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଶାହା ସୂଚନା ଦେଇ କହିଛନ୍ତି ଯେ, ଜିଲାର ୨ଟି ନିର୍ବାଚନ ମଣ୍ଡଳୀ ମୋହନା ଓ ପାରଳାଖେମୁଣ୍ଡିରେ ୭ଟି ଲେଖାଏ ସଚେତନତା ରଥ ବୁଲି ଲୋକଙ୍କୁ ଏହି ମେଶିନ ବ୍ୟବହାର ସମ୍ପର୍କରେ ସଚେତନ କରାଇବ। ସେହିପରି ଏହି ୨ଟି ନିର୍ବାଚନ ମଣ୍ଡଳୀରେ ମୋଟ ୧୪ଟି ଦଳକୁ ମଧ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ଦୁଇଟି ପର୍ଯ୍ୟାୟରେ ତାଲିମ ଦିଆଯାଇଛି। ୧.୯.୨୦୧୮ ସୁଦ୍ଧା ୪ଲକ୍ଷ ୧୨ହଜାର ୩୩୧ ମତଦାତାଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି। ଆସନ୍ତା ୭ତାରିଖଠାରୁ ଏକ ମାସ ଧରି ସଚେତନତା ରଥଗୁଡିକ ଜିଲାର ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ଯାଇ ଇଭିଏମ୍ ଓ ଭିଭି-ପାଟ ପ୍ରଦର୍ଶନ ସହ ମକ୍‌ପୋଲ କାର୍ଯ୍ୟକ୍ରମ କରିବେ।


ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ମେଶିନ ଅନୁଧ୍ୟାନ କରୁଛନ୍ତି।


ଜୟନ୍ତୀ ଉତ୍ସବରେ ଜଣେ ଦୃଷ୍ଟିହୀନଙ୍କୁ ଅତିଥି କେକ୍ ଖୁଆଉଛନ୍ତି।

## ଲୁଇସ୍ ବ୍ରେଲିଙ୍କ ଜୟନ୍ତୀ ପାଳିତ

ପାରଳାଖେମୁଣ୍ଡି, ୫।୧(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ସିସିଡି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିସରରେ ଶନିବାର ଲୁଇସ୍ ବ୍ରେଲିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶେଷଦେବ ମିଶ୍ର ଯୋଗଦେଇ ଦୃଷ୍ଟିହୀନଙ୍କ ପାଇଁ ବ୍ରେଲିଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଛନ୍ତି। ଦୃଷ୍ଟିହୀନଙ୍କ ସାହାରା ଭାବେ ପରିଚିତ ବ୍ରେଲି ୧୮୦୯ ମସିହା ଜାନୁୟାରୀ ୪ତାରିଖରେ ଫ୍ରାନ୍ସରେ ଜନ୍ମଗ୍ରହଣ କରିଥିଲେ। ସେ ଏକ ଦୁର୍ଘଟଣାରେ ନିଜ ଦୃଷ୍ଟିଶକ୍ତି ହରାଇବା ପରେ ବ୍ରେଲି ଅକ୍ଷର ଉଦ୍‌ଭାବନ କରିଥିଲେ। ବ୍ରେଲି ଲିପି ଯୋଗୁ ଦୃଷ୍ଟିହୀନମାନେ ଲେଖିପଢ଼ି ପାରୁଛନ୍ତି ବୋଲି ମିଶ୍ର କହିଛନ୍ତି। ଏହି ଅବସରରେ କେକ୍ କଟାଯିବା ସହ ୪୦ରୁ ଊର୍ଦ୍ଧ୍ୱ ଦୃଷ୍ଟିହୀନଙ୍କୁ କେକ୍ ଓ ମିଷ୍ଟାନ୍ନ ବଣ୍ଟାଯାଇଥିଲା। କାର୍ଯ୍ୟକ୍ରମକୁ ସିସିଡି ମୁଖ୍ୟ ମୁଖ୍ୟ ଏ.ଜଗନ୍ନାଥ ରାଜୁ ପରିଚାଳନା କରିଥିଲେ।



ତାଲିମ ଶିବିର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ୩୦ ଯୁବତୀଙ୍କୁ ସିଲେଇ ତାଲିମ

ପାରଳାଖେମୁଣ୍ଡି, ୫।୧(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ସିଦ୍ଧାମଡଙ୍ଗ ଗ୍ରାମରେ ନେହେରୁ ଯୁବ କେନ୍ଦ୍ର ଜିଲା ଶାଖା ସହଯୋଗରେ ବିବେକାନନ୍ଦ ଲେଡିଜ୍ କ୍ଲବ୍ ପକ୍ଷରୁ ସିଲେଇ ତାଲିମ ଶିବିର ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଭି. ଭେଙ୍କେଟ ରାବଣା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଏଭଳି ତାଲିମ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ। ଏଥିରେ ୩୦ଜଣ ଯୁବତୀ ତାଲିମ ନେବେ। ପ୍ରଶିକ୍ଷିକା ଭାବେ ରଞ୍ଜିତା ପାଲାକା ଯୋଗଦେଇଥିଲେ। ୱାର୍ଡମେମ୍ବର ସୁଧାକର କରେଇ, ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ବିଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଭାନୁପ୍ରିୟା ଏଡ୍ଲା, ମୋହିନୀ ପ୍ରଧାନ ଓ ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା**
**ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ
**''ଜାତୀୟ ଶାସ୍ତ୍ରୀୟ ସଙ୍ଗୀତ ଉତ୍ସବ''**
**ତାରିଖ: ୦୬ ଓ ୦୭ ଜାନୁଆରୀ, ୨୦୧୯**
**ପ୍ରତ୍ୟହ ସନ୍ଧ୍ୟା: ଘ. ୬.୩୦ ମିନିଟ୍**
**ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର**
ସାଂସ୍କୃତିକ କାର୍ଯ୍ୟକ୍ରମ, ରାଜ୍ୟ ବାହାର ଓ ରାଜ୍ୟର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଓ ବାଦ୍ୟଯନ୍ତ୍ରଶିଳ୍ପୀମାନଙ୍କ ଦ୍ୱାରା ଶାସ୍ତ୍ରୀୟ ସଙ୍ଗୀତ ଓ ବାଦ୍ୟଯନ୍ତ୍ର ପରିବେଷଣ କରାଯିବ।
ଏହି କାର୍ଯ୍ୟକ୍ରମରେ ଜନସାଧାରଣ ବହୁସଂଖ୍ୟାରେ ଯୋଗଦେବାକୁ ସାଦର ନିମନ୍ତ୍ରଣ।

**ଡ. ବିଜୟ କୁମାର ଜେନା**
ସଚିବ,
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର

## ରାଜ୍ୟସ୍ତରୀୟ ଚେସ୍‌ରେ ଗଜପତିର ୫ ଖେଳାଳି

ପାରଳାଖେମୁଣ୍ଡି, ୫।୧(ସ୍ୱ.ପ୍ର.)

ରାଜ୍ୟସ୍ତରୀୟ ଚେସ୍ ଟୁର୍ନାମେଣ୍ଟରେ ଗଜପତି ଜିଲାର ଏକ ୫ଜଣ ଖେଳାଳି ଭାଗନେଇଛନ୍ତି। ନୟାଗଡରେ ଏହି ଟୁର୍ନାମେଣ୍ଟ ୪ ଓ ୫ ତାରିଖ ଦୁଇଦିନ ଧରି ଚାଲିଥିଲା। ପରିଚାଳକ ଭାବେ ଅଲଡା ଆଦର୍ଶ ବିଦ୍ୟାଳୟର ବିଶ୍ୱବିଜୟ ବିବେକାନନ୍ଦ ବେହେରା ଓ ପ୍ରଶିକ୍ଷକ ଭାବେ ଗୁଣ୍ଡିମା ଆଦର୍ଶ ବିଦ୍ୟାଳୟର ପୂର୍ଣ୍ୟବ୍ରତ ମହାପାତ୍ର ଏହି ଟିମ୍ ସହ ଯାଇଛନ୍ତି।


ମ୍ୟାନେଜର ଓ ପ୍ରଶିକ୍ଷକଙ୍କ ସହ ଖେଳାଳିମାନେ।

## ନୂଆବର୍ଷ ଶୁଭେଚ୍ଛା ଆଳରେ ପ୍ରାର୍ଥିତ୍ୱ ସଙ୍କେତ

ପାରଳାଖେମୁଣ୍ଡି,୫।୧(ସ୍ୱ.ପ୍ର.)

| 1 | Saraswati Panja | Balisahi, Puri, Mob.: 7992500287 |
| 2 | Ajib Rout | Mathasahi, Motiganj, Balasore, Mob: 9439701293 |
| 3 | Bikram Nayak | Nimapara, Puri, Mob.: 9861511264 |
| 4 | Animesh Barik | Nimasahi, Narasinghpur, Cuttack, Mob : 7684019800 |
| 5 | Rudramadhaba Sathua | Choudwar, Cuttack, Mob.: 9114527951 |
| 6 | Abhaya Ku. Panda | Sisu Bihar, Patia, Mob.: 8093299457 |
| 7 | Chida Nanda Madhab | Iskcon Temple, Swargadwar, Puri, Mob: 9040522490 |
| 8 | Sitakanta S. Mohanty | Nayapalli, Bhubaneswar, Mob.: 9853235876 |
| 9 | Rajshree P. Mohanty | Bapuji Nagar, Bhubaneswar, Mob.: 9776320606 |
| 10 | Gauranga Behera | Soubhagya Nagar, Bhubaneswar, Mob: 9830147888 |
| 11 | Maheswar Mandal | Jasipur, Mayurbhanj, Mob.: 8455023194 |
| 12 | Gopal Chandra | Tota Gopinath Matha, Harchandi Sahi, Puri, Mob: 8013084660 |
| 13 | Istiyak Ahmed | Chakradhar Mansion, GGP Canal Road, Rasulgarh, BBSR, Mob: 9439921687 |
| 14 | Jagadish Das | Gopalpur, Sailo Govindpur, Cuttack , Mob : 8658512631 |
| 15 | Jayanta Kumar Rout | Bagalpur, Bahanaga, Balasore, Mob: 9778476813 |
| 16 | Prasana Ku. Mishra | Cuttack, Mob.: 7537095964 |
| 17 | Jigyasa Priyadarshini Sendha | Kotsahim Cuttack, Mob: 7750036598 |
| 18 | Jiten Ku. Mohanty | Nuasahi, Bhubaneswar, Mob.: 8270766931 |
| 19 | Kartik Behera | Sribantpur, Chhandpur, Khurda, Balasore- 6371876704 |
| 20 | Kartikeswar Sahoo | Chandiapala, Khurda, Mob: 9938834240 |
| 21 | Laxmikanta Dalai | Balighat, Puri, Mob : 9040510104 |
| 22 | Lingaraj Patra | Old Town, Bhubaneswar, Mob : 7978515834 |
| 23 | Mcr Rout | Patharla, Balangir, Mob: 8917210412 |
| 24 | Nanda Kishore | Phulapada, Narasinghpur, Cuttack, Mob: 9778521215 |
| 25 | Madhusmita Singh | Saheed Nagar, Bhubaneswar, Mob.: 7008278365 |
| 26 | Omm Prakash | Niali, Cuttack, Mob : 8093181475 |
| 27 | Parbati Mohanty | Satyasai Enclave, Khandagiri, BBSR, Mob: 8847824088 |
| 28 | Pari Saishree | PWD Road, Nayagarh, Mob: 9090790347 |
| 29 | Manorama Prusty | Baripada, Mayurbhanj, Mob.: 9437439933 |
| 30 | Prabhu Dash | Haladipadia, Sarala Nagar, Laxmisagar, BBSR, Mob: 7894215751 |
| 31 | Rankanidhi Nayak | Swargadwar, Puri, Mob.: 7008299620 |
| 32 | Pramod Barik | Rasulgarh, Bhubaneswar, Mob: 8249798161 |
| 33 | Prasanta Kumar Panda | Markanda Pada, Sukal, Puri, Mob: 9937765145 |
| 34 | Chanchala K. Seth | Bamara, Sambalpur, Mob.: 8018278283 |
| 35 | Balabhadhra Mishra | Keonjhar, Mob.: 9078380203 |
| 36 | Rita Ray | Lane-5, Sriran Nagar, Old Town, BBSR, Mob: 9861751908 |
| 37 | Ruchismita Prusty | Purnua Hata Sahi, Baripada, Mayurbhanj, Mob: 9438069584 |
| 38 | Sandeep Majhi | Rajabagicha, Telengabazar, Cuttack, Mob : 7978018843 |
| 39 | Siddhartha Kumar Kunda | Kalimegha, Po- Bidyadharpur, Bhadrak, Mob: 9090489592 |
| 40 | Chandrabhanu Mantri | Satri Nagar, Bhubaneswar, Mob.: 9438730458 |
| 41 | SK Majid | Salandi by Pass, Bhadark, Mob: 7788844418 |
| 42 | Smruti Prava Patra | Mahaveer Nagar, Jharpara, BBSR, Mob: 7978374470 |
| 43 | Snehalata Rout | Tangarpalli, Sundargarh, Mob: 82494455784 |
| 44 | Subhalaxmi Routray | Haladiapada, Madhyasasan, Jagatsinghpur, Mob: 6371326811 |
| 45 | Sudhansu Bala Sahoo | Badahata, Bhuban, Dhenkanal, Mob : 8328873929 |
| 46 | Sukumar Nayak | Phase-V, Dumuduma HB Colony, BBSR, Mob: 9938395930 |
| 47 | Debasis Acharya | BJB Nagar, Bhubaneswar, Mob.: 9825686482 |
| 48 | Suvendra Mahapatra | Pipili, Puri, Mob : 9040157375 |
| 49 | Swayam Prakash Panda | Anji, Sahaspura, Anantapur, Balasore, Mob: 9778932409 |
| 50 | Toruna Kumar | Cosmopolis, Dumula, BBSR, Mob: 9437743709 |

ଭାଗ୍ୟଶାଳୀ ବିଜେତାମାନଙ୍କୁ ଟେଲିଫୋନ ଯୋଗେ ପୁରସ୍କାର ବିତରଣର ସ୍ଥାନ, ତାରିଖ ଓ ସମୟ ସମ୍ପର୍କରେ ଜଣାଇ ଦିଆଯିବ। ଧରିତ୍ରୀ ହକିପୂଜା କୁଇଜ୍‌ରେ ଅଂଶଗ୍ରହଣ କରିଥିବା ସମସ୍ତ ପାଠିକା, ପାଠକମାନଙ୍କୁ ଧରିତ୍ରୀ ପରିବାର ତରଫରୁ ଅଶେଷ ଧନ୍ୟବାଦ।

Gift Partner






## ସଂକ୍ଷେପରେ

### ପୋଖରୀରେ ବୁଡି ଛାତ୍ରଙ୍କ ମୃତ୍ୟୁ

**କୋଷାଗୁମୁଡା,୫।୧(ଡି.ଏନ.ଏ):** ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଜୁନାପାଣି ଗ୍ରାମର ଏକ ପୋଖରୀରେ ବୁଡି ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଲେ ମୁଣ୍ଡାଗୁଡା ଗ୍ରାମର ବେଣୁଧର ଚଣ୍ଡାଳ। ସେ ମାଝିଗୁଡା ଆଦର୍ଶ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ପାଠ ପଢୁଥିଲେ। ବିଦ୍ୟାଳୟରୁ ତାଙ୍କ ଘର ୨୫ କି.ମି ଦୂରତା ହୋଇଥିବା ଯୋଗୁ ସେ ଜୁନାପାଣି ଗ୍ରାମରେ ଭଡା ଘରେ ରହୁଥିଲେ। ଶୁକ୍ରବାର ଅପରାହ୍ନରେ ଶୌଚ ହେବା ପାଇଁ ନିକଟସ୍ଥ ପୋଖରୀକୁ ଯାଇ ଖସି ପଡିଥିଲେ। ଫଳରେ ପୋଖରୀ ଭିତରେ ବୁଡି ଯାଇଥିଲେ। ସନ୍ଧ୍ୟା ହେବାରୁ ଘର ମାଲିକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ଏ ନେଇ ଘର ମାଲିକ ବେଣୁଧରଙ୍କ ବାପାଙ୍କୁ ଖବର ଦେଇଥିଲେ। କୋଷାଗୁମୁଡା ଥାନାରେ ଅଭିଯୋଗ ହେବା ପରେ ଅଗ୍ନିଶମ କର୍ମଚାରୀ ପୋଖରୀରୁ ବେଣୁଧରଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ କୋଷାଗୁମୁଡା ଥାନାରେ ଏକ ଅପମୃତ୍ୟୁ ମାମଲା ୧/୧୯ ରୁଜୁ ହୋଇ ତଦନ୍ତ କରାଯାଉଥିବା ଏସଆଇ ଅଶ୍ୱିନୀ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

### ସ୍ପିଡ୍ ପୋଷ୍ଟ ମାଧ୍ୟମରେ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ



**ଝରିଗାଁ, ୫।୧(ସ୍ୱ.ପ୍ର):** ନବରଙ୍ଗପୁର ଜିଲା ଝରିଗାଁ ତହସିଲ କାର୍ଯ୍ୟାଳୟରେ ଶନିବାର ସ୍ପିଡ୍ ପୋଷ୍ଟ ମାଧ୍ୟମରେ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ତହସିଲଦାର କ୍ଷମାନିଧି ଭୋଇଙ୍କ ଦ୍ୱାରା ଝରିଗାଁ ବ୍ଲକର ୫ଜଣ ହିତାଧିକାରୀଙ୍କୁ ପଟ୍ଟା ପ୍ରେରଣ କରାଯାଇଛି। ଡଙ୍ଗରିଗୁଡା ଗ୍ରାମର ରାଧାମଣି ପନକାଙ୍କ ନାମରେ ୨ଟି ପଟ୍ଟା, ବାଣୁଆଗୁଡା ପଞ୍ଚାୟତ ସିନ୍ଧିଗୁଡା ଗ୍ରାମର ଶ୍ୟାମବତୀ ମାଝୀ, ବଡଟେମରା ପଞ୍ଚାୟତ ଚେପଟିଆମ୍ବା ଗ୍ରାମର ଫୁଲମତୀ ଜାନୀଙ୍କୁ ୨ଟି ପଟ୍ଟା, ଚଚା ପଞ୍ଚାୟତ ଗବାଗୁଡା ଗ୍ରାମର ଯୁଗତରାମ ଗୌଡଙ୍କ ନିକଟକୁ ଏକ ପଟ୍ଟା ପଠାଯାଇଛି। ଏହି ଅବସରରେ ଅତିରିକ୍ତ ତହସିଲଦାର ଲୋକନାଥ ଶବର, ସୁପରଭାଇଜର ଅରକ୍ଷିତ ପରିଡା, ଉଦୟ ଭାସ୍କର ପଟ୍ଟନାୟକ, ଅମିନ ଦେବେନ୍ଦ୍ର ବେସରା ପ୍ରମୁଖ ଉପସ୍ଥିତ ଥିଲେ।

■ ଜିଲାସ୍ତରୀୟ ସଚେତନତା ଅଭିଯାନ

# ୭ରୁ ଇଭିଏମ ଓ ଭିଭିପାଟ୍ ପ୍ରଦର୍ଶନୀ

**ନବରଙ୍ଗପୁର,୫।୧(ବି.ପ୍ର.)**



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ଜିଲାସ୍ତରୀୟ ଇଭିଏମ ଓ ଭିଭିପାଟ୍ ସଚେତନତା ଅଭିଯାନ ନେଇ ଜିଲାସ୍ତରୀୟ ବୈଠକ ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅଜିତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୁଇଟି ପର୍ଯ୍ୟାୟରେ ଇଭିଏମ ଓ ଭିଭିପାଟ୍ ବ୍ୟବହାର ତାଲିମ ଶେଷ ହୋଇଛି । ଭୋଟରଙ୍କୁ ସଚେତନ କରାଇବା ପାଇଁ ଇଭିଏମ ଓ ଭିଭିପାଟର ପ୍ରଦର୍ଶନୀ ସହ ସଚେତନତା ଅଭିଯାନ ଆସନ୍ତା ୭ରୁ ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମରେ ୭ଟି ଟିମ ଗଠନ କରାଯାଇଛି। ପ୍ରତ୍ୟେକ ଟିମରେ ୨ ଜଣ ଅଫିସର, ୨ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ, ଜଣେ ସଶସ୍ତ୍ର ପୋଲିସ କର୍ମଚାରୀ ରହିବେ । ପ୍ରତି ଟିମ ଦୈନିକ ୪ଟି ରାଜସ୍ୱ ଗାଁ ଯାଇ ଇଭିଏମ ପ୍ରଦର୍ଶନୀ ଓ ଭୋଟରଙ୍କୁ ଏହାର ବ୍ୟବହାର ନେଇ ସଚେତନ କରାଇବେ । ଚନ୍ଦାହାଣ୍ଡି ବ୍ଲକର ୬୭ଟି ବୁଥ, ଡାବୁଗାଁର ୫୪, ଝରିଗାଁର ୧୧୭, କୋଷାଗୁମୁଡାର ୧୨୯, ନବରଙ୍ଗପୁର ବ୍ଲକର ୧୬୩, ନବରଙ୍ଗପୁର ପୌରାଞ୍ଚଳର ୨୨, ନନ୍ଦାହାଣ୍ଡି ବ୍ଲକର ୪୮, ପାପଡାହାଣ୍ଡି ବ୍ଲକର ୧୧୩, ରାଇଘରର ୧୪୫, ତେନ୍ତୁଳିଖୁଣ୍ଟିର ୭୯, ଉମରକୋଟର ୧୨୨ ଓ ଉମରକୋଟ ପୌରପାଳିକାର ୨୪ ଟି ବୁଥରେ ଏହି କାର୍ଯ୍ୟକ୍ରମ କରାଯିବ । ଏଥିପାଇ ୨୮ଟି ଚାରିଚକିଆ ଗାଡି, ୪୮ଟି ଇଭିଏମ ଓ ଭିଭିପାଟ୍ ଯୋଗାଇ ଦିଆଯାଇଛି । ଏହି ଅଭିଯାନର ନାମ ଇଭିଏମ, ଭିଭିପାଟ ସଚେତନତା ଅଭିଯାନ ରଖାଯାଇଥିବା ଜିଲାପାଳ କହିଥିଲେ । ଏହି ଅଭିଯାନ ଯେଭଳି ପ୍ରତ୍ୟେକ ରାଜସ୍ୱ ଗ୍ରାମ ତଥା ବୁଥ ପର୍ଯ୍ୟନ୍ତ କରାଯିବାକୁ ଗୁରୁତ୍ୱ ଦିଆଯାଇଥିଲା । ଏହି ଟିମ ବ୍ଲକ ଅଫିସରୁ ବାହାରି ଦୈନିକ ୯ ଘଣ୍ଟା କାମ କରିବେ। ଏହି ଅଭିଯାନରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଏନଏସଏସ, ନେହ୍ରୁ ଯୁବକେନ୍ଦ୍ର, ଇଏଲସି, ଜେକେଏସଏସ ଓ ବିକେଏସଏସକୁ ସମ୍ପୃକ୍ତି କରାଯିବ । ଏହି ପ୍ରଦର୍ଶନୀ ତଥା ମର୍କପଲ କେବଳ ସରକାରୀ ଗୃହରେ ହିଁ କରାଯିବ । ଏହି ଅବସରରେ ୭ ରେ ଇଭିଏମ, ଭିଭିପାଟ୍ ରଥର ଶୁଭାରମ୍ଭ କରାଯିବ । ଏହି ରଥ ବିଭିନ୍ନ ଗାଁକୁ ଯାଇ ଭୋଟରଙ୍କୁ ସଚେତନତା କରିବ । କୌଣସି ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ଏହି କାର୍ଯ୍ୟକ୍ରମରେ ଓ ଉଦଘାଟନରେ ସାମିଲ କରାଯିବ ନାହିଁ । ଆଗାମୀ ନିର୍ବାଚନରେ ଯେମିତି ଶତପ୍ରତିଶତ ମତଦାନ କରିବେ ସେନେଇ ସଚେତନତା କରାଯିବ । ଏହି ବୈଠକରେ ରାଜ୍ୟ ପର୍ଯ୍ୟବେକ୍ଷକ ସୁଜାତା ମିଶ୍ର, ଜିଲାସ୍ତରୀୟ ଅଧିକାରୀ ମାଷ୍ଟର ଟ୍ରେନର, ଜିଲାର ସମସ୍ତ ବିଡିଓ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଯୋଗ ଦେଇଥିଲେ ।

# ପୃଥକ୍ ଦୁର୍ଘଟଣା: ଗଲା ୨ ଜୀବନ

**ନବରଙ୍ଗପୁର/କୋଡିଙ୍ଗା/ଧୋଡ୍ରା, ୫।୧(ବି.ପ୍ର/ଡି.ଏନ.ଏ.)**

■ ଟ୍ରାକ୍ଟର ଓଲଟି ଜଣେ ମୃତ, ୨ ଗୁରୁତର

■ ଗଛରେ ବାଇକ ପିଟି ଜଣେ ମୃତ

ନବରଙ୍ଗପୁର ଜିଲା କୋଷାଗୁମୁଡା ଓ ଝରିଗାଁ ବ୍ଲକରେ ଶନିବାର ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। କୋଷାଗୁମୁଡା ବ୍ଲକ କୋଡିଙ୍ଗା ପଞ୍ଚାୟତର ବନ୍ଦିଗୁଡା-ବନ୍ଦଗୁଡା ରାସ୍ତା ମଝିରେ ଶନିବାର ଏକ ଟ୍ରାକ୍ଟର (ନଂ.ଓଡି୨୪ସି ୩୪୪୪ ) ଓଲଟି ପଡିବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଶ୍ରମିକ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ନୂଆଗୁଡା ଗାଁର ଡମ୍ବୁ ଭତ୍ରାଙ୍କ ପୁଅ କୈଳାଶ ଭତ୍ରା(୨୧)। ଗୁରୁତରମାନେ ହେଲେ ନୂଆଗୁଡାର ଦେବ ଭତ୍ରାଙ୍କ ପୁଅ ବେଣୁ ଭତ୍ରା(୨୨) ଓ ବାଜିଗୁଡାର କଉଡି ଭତ୍ରାଙ୍କ ପୁଅ କୈଳାଶ ଭତ୍ରା (୧୮) । ସେମାନେ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବନ୍ଦିଗୁଡାଠାରୁ କୋଡିଙ୍ଗା ଅଭିମୁଖେ ଟ୍ରାକ୍ଟରଟି ଆସୁଥିବାବେଳେ ଏକ କଲଭର୍ଟ ନିକଟରେ ଭାରସାମ୍ୟ ହରାଇ ତଳକୁ ଖସିପଡିଥିଲା। ଫଳରେ ଟ୍ରାକ୍ଟରରେ ବସିଥିବା ୩ ଜଣ ଶ୍ରମିକ କୈଳାଶ, ବେଣୁ ଓ କୈଳାଶ ଟ୍ରାକ୍ଟର ତଳେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଓ ପୋଲିସ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନବରଙ୍ଗପୁର ଜିଲା ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ନୂଆଗୁଡା ଗ୍ରାମର କୈଳାଶଙ୍କ ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ କୈଳାଶଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କୋଡିଙ୍ଗା ଥାନାରେ ନଂ ୧/୧୯ରେ ଏକ ମାମଲା ରୁଜୁ କରାଯାଇ ଏସଆଇ ଗଗନେଶ୍ୱର ମାଝି ଘଟଣାର ତଦନ୍ତ କରୁଛନ୍ତି। ପୋଲିସ ଟ୍ରାକ୍ଟର ଜବତ କରିଛି। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛି। ସେହିପରି ଝରିଗାଁ ବ୍ଲକର ନବରଙ୍ଗପୁର-ଉମରକୋଟ ସଂଯୋଗ କରୁଥିବା ରାସ୍ତାର ବିଜାପୁର ହାଇସ୍କୁଲ ନିକଟରେ ଏକ ଗଛରେ ବାଇକ ପିଟି ହୋଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଉମରକୋଟ ବ୍ଲକ ହୀରାପୁର ପଞ୍ଚାୟତ ଡଙ୍ଗରୀଗୁଡା ଗାଁର ବାସୁଦେବ ବିଦ୍ଧାଣୀ। ଝରିଗାଁ ବ୍ଲକ ଝରିଗୁଡାରେ ଥିବା ସମ୍ପର୍କୀୟଙ୍କ ଘରକୁ ସେ ଆସିଥିଲେ। ସେଠାରୁ ସେ ବାଇକରେ ଫେରୁଥିବା ବେଳେ ବିଜାପୁର ହାଇସ୍କୁଲ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ବାଇକ ପିଟି ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାବୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି।



ଓଲଟି ପଡିଥିବା ଟ୍ରାକ୍ଟର।

# ଚନ୍ଦାହାଣ୍ଡିରେ ଖୋଲିଲା ଜେଏମ୍ଏଫ୍‌ସି କୋର୍ଟ

**ଚନ୍ଦାହାଣ୍ଡି,୫।୧(ଡି.ଏନ.ଏ.)**




ସଭାରେ ଉପସ୍ଥିତ ଅତିଥିମାନେ।

ନବରଙ୍ଗପୁର ଜିଲା ଉପାନ୍ତ ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମାରେ ଶନିବାର ଜେଏମ୍ଏଫ୍‌ସି କୋର୍ଟ (ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ) ଉଦ୍‌ଘାଟିତ ହୋଇଯାଇଛି। ଜିଲା ଜଜ୍ ରାଜେନ୍ଦ୍ର ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଉମରକୋଟ ଓକିଲ ସଂଘ ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଜଜ୍ ରାଜେନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଆଗାମୀ ଦିନରେ ଝରିଗାଁ, ଡାବୁଗାଁ, କୋଷାଗୁମୁଡାରେ ଜେଏମ୍ଏଫ୍‌ସି କୋର୍ଟ ସ୍ଥାପନ କରାଯିବ ବୋଲି ସୂଚନା ଦେଇଥିଲେ। ଏଣିକି ସ୍ଥାନୀୟ ଲୋକେ ହାତ ପାଆନ୍ତାରେ ନ୍ୟାୟିକ ସେବା ପାଇପାରିବେ ବୋଲି ପ୍ରଶାନ୍ତ ସାହୁ କହିଥିଲେ। ସମସ୍ତ ଆଇନଜୀବୀ ଏକଜୁଟ ହୋଇ ଅବିଭକ୍ତ କୋରାପୁଟ ଜିଲାରେ ଉଚ୍ଚ ନ୍ୟାୟାଳୟ ସ୍ଥାୟୀ ବେଞ୍ଚ ସ୍ଥାପନା ଦିଗରେ କାର୍ଯ୍ୟ କରିବା ପାଇଁ ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ ସଭାପତି ନୃସିଂହ ତ୍ରିପାଠୀ କହିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା ଅଦାଲତ ରେଜିଷ୍ଟ୍ରାର ମନୋରଞ୍ଜନ ଦାଶ, ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଓକିଲ ସ୍ୱାଧୀନ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ନୂତନ ବିଚାରପତି ସୌଭାଗ୍ୟ ରଞ୍ଜନ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ତହସିଲଦାର ହୃଦାନନ୍ଦ ସିଂ ମାଝି, ବ୍ଲକ ଅଧ୍ୟକ୍ଷ ଟିକମସିଂ ନାୟକ, ଓକିଲ ବିଜୟ ସିଂ, ମନୋହର ମହାନ୍ତି, ରାମ ନାୟକ, ସରୋଜ ଅଗସ୍ତି, ମହମ୍ମଦ ହୁସେନ, କୃଷ୍ଣ ନନ୍ଦ, କାଳିପ୍ରସାଦ ନନ୍ଦ, ସନ୍ତୋଷ ସାହୁ, ମନୋଜ ବାରିକ, ଜୟଦେବ ଖମାରୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁବାଷ ପଟ୍ଟନାୟକ, ବିପିନ ହିୟାଲ, କିରଣ ପଟ୍ଟନାୟକଙ୍କ ସମେତ ବହୁ ଜନପ୍ରତିନିଧି ଏବଂ ଆଇନଜୀବୀମାନେ ଉପସ୍ଥିତ ଥିଲେ। ଶେଷରେ ଓକିଲ ସଞ୍ଜୟ ନାୟକ ଧନ୍ୟବାଦ ଦେଇଥିଲେ।




Punjab — ଶ୍ୟାମ ସିଂହ ଦତ୍ତ ବୟସ ୬୧ ବର୍ଷ, ପେସାରେ ସେ ଷ୍ଟୋର୍ସର ବ୍ୟବସାୟୀ । ସାରା ଦିନ ଆଣ୍ଠୁରୁ କଡ଼-କଡ଼ ଶବ୍ଦ ଆସୁଥିଲା। ମୁଁ ପୂର୍ଣ୍ଣ ବିଶ୍ୱାସ ସହିତ ଡା. ଅର୍ଥୋ ଆୟୁର୍ବେଦିକ ତେଲ ଏବଂ କ୍ୟାପ୍‌ସୁଲ ଦୈନିକ ବ୍ୟବହାର କରିବା ଆରମ୍ଭ କଲି। ମାତ୍ର ୨୦-୨୫ ଦିନରେ ଅଦ୍ଭୁତ ଲାଭ ମିଳିଲା। ଏବେ ମୁଁ ଓ ମୋ ସ୍ତ୍ରୀ ଉଭୟ ଏହାକୁ ବ୍ୟବହାର କରୁଛୁ।

Uttar Pradesh — ଦିନେଶ ଚନ୍ଦ୍ର ଅଗ୍ରୱାଲ ବୟସ ୬୧ ବର୍ଷ, ବାସନକୁସନର ପ୍ରସିଦ୍ଧ ଶୋରୁମ୍‌ର ମାଲିକ। ମୋ ଆଣ୍ଠୁ ଓ ଅଣ୍ଟାରେ ଅସହନୀୟ ପୀଡ଼ା ରହୁଥିଲା। ଦିନେ ଟି.ଭି.ରେ ଡା. ଅର୍ଥୋ ଆୟୁର୍ବେଦିକ ତେଲର ବିଜ୍ଞାପନ ଦେଖିଲି ଏବଂ ନିର୍ଦ୍ଦେଶାନୁଯାୟୀ ସକାଳେ-ସନ୍ଧ୍ୟାବେଳେ ଏହାକୁ ମାଲିସ କରିବା ଆରମ୍ଭ କରିଦେଲି। ମାତ୍ର କିଛି ସପ୍ତାହରେ ହିଁ ମୋ ଆଣ୍ଠୁ ଓ ଅଣ୍ଟାର ପୀଡ଼ାରୁ ମୋତେ ବହୁତ ଆରାମ ମିଳିଲା।

Maharashtra — ମହାଦେବ ନାରାୟଣ ବାବସ୍କର ବୟସ ୬୫ ବର୍ଷ, ପାୱାର ହାଉସ୍‌ରେ କାମ କରେ। ଭଲି ବଲ୍ ଖେଳିବା ସମୟରେ ମୋ ବାମ କାନ୍ଧରେ ଗଭୀର ଆଘାତ ଲାଗିଥିଲା। ବନ୍ଧୁଙ୍କ ପରାମର୍ଶ ମାନି ସକାଳେ-ସନ୍ଧ୍ୟାବେଳେ ଡା. ଅର୍ଥୋ ଆୟୁର୍ବେଦିକ ତେଲରେ ମାଲିସ କଲି ଓ କ୍ୟାପ୍‌ସୁଲ ସେବନ କଲି । ମୁଁ ବହୁତ ଖୁସି ଯେ ମୋର ୧୦ ବର୍ଷ ପୁରୁଣା କାନ୍ଧ ଯନ୍ତ୍ରଣା ସମ୍ପୂର୍ଣ୍ଣ ଭଲ ହୋଇଯାଇଛି।

Chhattisgarh — ଶ୍ୟାମା ଦେବୀ ବୟସ ୪୧ ବର୍ଷ, ଅନେକ ବର୍ଷ ଧରି ମୋ ଆଣ୍ଠୁ ଖଞ୍ଜା ଓ ଗୋଡ଼ ପେଣ୍ଡାରେ ଅସହନୀୟ ପୀଡ଼ା ରହିବାକୁ ଲାଗିଥିଲା । ମୋ ପୁଅ ବଜାରରୁ ମୋତେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଏବଂ କ୍ୟାପ୍‌ସୁଲ ଆଣିଦେଲା । ଯାହାକୁ ମୁଁ ଦୁଇ-ଦୁଇ କ୍ୟାପ୍‌ସୁଲ ସକାଳେ- ସନ୍ଧ୍ୟାବେଳେ କ୍ଷୀର ସହିତ ସେବନ କରିବା ସହ ତେଲ ମଧ୍ୟ ମାଲିସ୍ କଲି। କିଛିଦିନ ପରେ ଏବେ ମୁଁ ସମ୍ପୂର୍ଣ୍ଣ ଠିକ୍ ହୋଇଯାଇଛି।

Rajasthan — ତେଜ୍ ସିଂ ବୟସ ୫୦ ବର୍ଷ, ବନ ବିଭାଗରେ କାର୍ଯ୍ୟରତ। ଅନେକ ବର୍ଷ ଧରି ଆଣ୍ଠୁରେ ପୀଡ଼ା ରହୁଥିଲା, କେବଳ ପେନ୍‌କିଲର୍ ଖାଇଦେଉଥିଲି। ଜଣେ ବନ୍ଧୁଙ୍କ କଥା ମାନି ଆୟୁର୍ବେଦିକ ଡା. ଅର୍ଥୋ କ୍ୟାପ୍‌ସୁଲ ସକାଳେ- ସନ୍ଧ୍ୟାବେଳେ କ୍ଷୀର ସହିତ ସେବନ କଲି। ମାତ୍ର ୪୨ ଦିନ ପ୍ରୟୋଗ ଦ୍ୱାରା ହିଁ ଆଣ୍ଠୁ କଥା ଛାଡ଼ନ୍ତୁ ମୋ ଶରୀରରେ ଏବେ କୌଣସି ପ୍ରକାରର କିଛି ପୀଡ଼ା ନାହିଁ ।

Madhya Pradesh — ଅନୀତା ୱିକଟର ବୟସ ୪୫ ବର୍ଷ, ହାଉସ୍-ୱାଇଫ୍ । କିଛିବର୍ଷ ହେଲା ମୋ କାନ୍ଧ ଏବଂ ବେକରେ ବହୁତ ପୀଡ଼ା ରହୁଥିଲା । ସମସ୍ୟା ଧୀରେ-ଧୀରେ ବଢ଼ି ଚାଲିଥିଲା। ବାନ୍ଧବୀଙ୍କ କହିବା ମାନି ମୁଁ ପ୍ରତିଦିନ ନ ଭୁଲି ଆୟୁର୍ବେଦିକ ଡା. ଅର୍ଥୋ କ୍ୟାପ୍‌ସୁଲ ସେବନ କରିବା ଆରମ୍ଭ କଲି ଓ ଡା.ଅର୍ଥୋ ତେଲ ମଧ୍ୟ ମାଲିସ୍ କଲି। ଆଜି ମୋତେ ଆଦୌ ଯନ୍ତ୍ରଣା ଅନୁଭବ ହେଉନାହିଁ ।

0171-3055100 | drorthooil.com | drorthooil | ସବୁ ପ୍ରମୁଖ ମେଡିକାଲ ଷ୍ଟୋର୍‌ରେ ଉପଲବ୍ଧ

# ଜିଲା ପାଇଁ ସୁନାମ ଆଣିଲେ ୭ ପ୍ରତିଯୋଗୀ

**ନବରଙ୍ଗପୁର,୫।୧(ବି.ପ୍ର.)**

### ଜାତୀୟ କରାଟେ ପ୍ରତିଯୋଗିତା



ପଦକ ଜିତିଥିବା ପ୍ରତିଯୋଗୀଙ୍କ ସହ ଅନ୍ୟମାନେ।

ଜାତୀୟ କରାଟେ ପ୍ରତିଯୋଗିତାରେ ଓଡ଼ିଶା ଦଳ ୨୬ଟି ପଦକ ହାସଲ କରିଛି। ଉକ୍ତ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲା କରାଟେ ଦଳର ୭ ଜଣ ପ୍ରତିଯୋଗୀ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ଜିଲା ତଥା ରାଜ୍ୟର ଗୌରବ ବଢ଼ାଇଛନ୍ତି। ବିନାୟକ ନଗରସ୍ଥିତ ଓପିନାୱା ୟୁଚିରିୟୋ କରାଟେ-ଡୁକୋବୁଡ଼ୋ ଟ୍ରେନିଂ ସ୍କୁଲର ୭ ଜଣ ଛାତ୍ରୀଛାତ୍ର ରାଜ୍ୟର ୟୁଚିରିୟୋ କରାଟେ ଦଳରେ ସାମିଲ ହୋଇଥିଲେ। ଡିସେମ୍ବର ୨୯ ଓ ୩୦ ତାରିଖ ଦୁଇଦିନ ଧରି କେରଳର କାନନୁର ସହରସ୍ଥିତ ମୁଣ୍ଡିୟାଡ଼ ଇନ୍‌ଡ଼ୋର ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ୨୯ ତମ ସର୍ବଭାରତୀୟ ଆମନ୍ତ୍ରଣୀୟ କରାଟେ-ଡୁ ପ୍ରତିଯୋଗିତା(କରାଟେ ଟାଇମ୍ସ କପ୍ ୨୦୧୮)ରେ ଭାଗନେଇଥିଲେ। ପ୍ରତିଯୋଗୀମାନେ ବିଭିନ୍ନ ଇଭେଣ୍ଟରେ ଉଚ୍ଚକୋଟୀର ପ୍ରତିଭା ଦେଖାଇ ୨୬ଟି ପଦକ ହାସଲ କରି ନବରଙ୍ଗପୁର ଜିଲା ତଥା ରାଜ୍ୟର ପାଇଁ ଗୌରବ ଆଣିଛନ୍ତି।

ଦଳର ସର୍ବକନିଷ୍ଠ ପ୍ରତିଯୋଗୀ ସନ୍ଦୀପ କୁମାର ରାଉତ(୮) ବିଭିନ୍ନ ଇଭେଣ୍ଟରେ ଭାଗନେଇ ୩ଟି ସ୍ୱର୍ଣ୍ଣ ଏବଂ ଏକ ରୌପ୍ୟ, ୧୨ ବର୍ଷର ଦେବୋଦତ୍ତ ପଟ୍ଟନାୟକ ଦୁଇଟି ସ୍ୱର୍ଣ୍ଣ ଓ ଏକ ବ୍ରୋଞ୍ଜ୍ ,୧୧ ବର୍ଷର ସଙ୍ଗୀତା ରାଉତ ଦୁଇଟି ସ୍ୱର୍ଣ୍ଣ ଓ ରୌପ୍ୟ, ୧୨ ବର୍ଷର ରିୟା ନାୟକ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ , ୧୬ ବର୍ଷର ବିଶ୍ୱଜିତ ପଟ୍ଟନାୟକ ଦୁଇଟି ସିଲଭର ଓ ଗୋଟିଏ ବ୍ରୋଞ୍ଜ, ୧୨ ବର୍ଷର ଅର୍ମାନ ଚୌଧୁରୀ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ସିଲଭର ପଦକ ହାସଲ କରିଛନ୍ତି। ଶ୍ରେଷ୍ଠ କୋଚ୍‌ଭାବେ ୟୁଚିରିୟୋ କରାଟେ ଓଡ଼ିଶା ରାଜ୍ୟ ପ୍ରତିନିଧି ଓ ମୁଖ୍ୟ ପ୍ରଶିକ୍ଷକ ସେନସେଇ ଶରତ କୁମାର ରାଉତଙ୍କୁ ସ୍ୱର୍ଣ୍ଣ, ସିଲଭର ଓ ବ୍ରୋଞ୍ଜ ପଦକ ଏବଂ ମୁମେଣ୍ଟୋ ସହ ସମ୍ମାନିତ କରାଯାଇଛି। ରାଜ୍ୟର ୟୁଚିରିୟୋ ଦଳ ୧୪ଟି ସ୍ୱର୍ଣ୍ଣ , ୫ଟି ରୌପ୍ୟ ଏବଂ ୭ଟି ବ୍ରୋଞ୍ଜ ପଦକ ହାସଲ କରି ରାଜ୍ୟର ଗୌରବ ବୃଦ୍ଧି କରିଛି। ଓଡ଼ିଶା ୟୁଚିରିୟୋ କରାଟେ ଦଳକୁ ନେପାଳ କରାଟେ-ଡୁ ଫେଡ଼େରେଶନ ରେଫେରି କମିଶନ ଚେୟାରମ୍ୟାନ ସେନସେଇ ବିଶନ ମୋଟେ ଓ ୟୁଚିରିୟୋ ଭାରତର ମୁଖ୍ୟ ପ୍ରଶିକ୍ଷକ କ୍ୟୋଶୀ କେ.ଭି. ମନୋହରନ ସମ୍ବର୍ଦ୍ଧିତ କରିଥିଲେ ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ମାୟାରୁ ମମତାର ସୃଷ୍ଟି। ମାୟା ବନ୍ଧନକୁ ଛିନ୍ନ କରିଥିବା ସାଧୁମାନଙ୍କ ମନ ଭିତରେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଛି ପ୍ରତି ମାୟା ବା ମମତା ନ ଥାଏ।

- ଚାଣକ୍ୟ



## ସଂକ୍ଷେପରେ



### ମୋଷ୍ଟ ୱାଣ୍ଟେଡ ଡମୁ ଗିରଫ

**ଚାନ୍ଦିଲି(କୋଟପାଡ଼), ୫।୧(ଡି.ଏନ୍.ଏ.):** କୋଟପାଡ଼ ପୋଲିସର ମୋଷ୍ଟୱାଣ୍ଟେଡ୍ ଅଭିଯୁକ୍ତ ଡମୁ ସୌରା ଓରଫ ସେରା ଓରଫ ରବି ଶନିବାର ଗିରଫ ହୋଇଛନ୍ତି। କୋଟପାଡ଼ ଥାନା ଅନ୍ତର୍ଗତ ନୂଆଗାଁର ଡ଼ମୁଙ୍କ ବିରୋଧରେ ଚୋରି, ଡକାୟତି, ରାହାଜାନି ଭଳି ବିଭିନ୍ନ ଅପରାଧିକ ମାମଲା ରହିଥିବା ସହ ତାଙ୍କ ନାମରେ ଗିରଫ ପରୱାନା ଜାରି ହୋଇଥିଲା। କୋଟପାଡ଼ ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଟିମ୍ ଡମୁଙ୍କ ଉପରେ କଡ଼ା ନଜର ରଖିଥିଲା। ଶନିବାର ଡମୁ ରହିଥିବା ସ୍ଥାନରେ ଚଢ଼ଉ କରି କୋଟପାଡ଼ ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇଛି। ଡମୁଙ୍କ ନାମରେ ୧୦୭/୧୫, ୫୩/୧୬, ୨୩୬/୧୬,୧୨୬/୧୭ ଏବଂ ୧୩୭/୧୮ରେ ବିଭିନ୍ନ ମାମଲା ରୁଜୁ ହୋଇଛି। ସନ୍ଧ୍ୟାରେ ଡମୁଙ୍କୁ ମାମଲା ୧୩୭/୧୮ ଅନୁଯାୟୀ ଏବଂ ଦଫା ୪୫୭/୩୮୦ରେ କୋଟପାଡ଼ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତକୁ ପଠାଯାଇଥିବା ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ମୁଥୁ ରାମୁ କହିଛନ୍ତି। କୋଟପାଡ଼ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୱାରେଣ୍ଟ ଥିବା ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି।

### ଜିଲା ଶିକ୍ଷା ବିଭାଗର 'ନବଦୃଷ୍ଟି' କାର୍ଯ୍ୟକ୍ରମ




**ଜୟପୁର,୫।୧(ଡି.ଏନ୍.ଏ.):** କୋରାପୁଟ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାଷା ଓ ଗଣିତ ବିଷୟରେ ମୌଳିକ ଅଭିବୃଦ୍ଧି ପାଇଁ 'ନବଦୃଷ୍ଟି' କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜିଲା ଶିକ୍ଷାଧିକାରୀ ଡ. ପ୍ରମୋଦ ପଣ୍ଡା ଜୟପୁର ଏବଂ କୋରାପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥିତ ରହି ଏହା ଉପରେ ଆଲୋକପାତ କରିଥିଲେ । ରାଜ୍ୟ ସରକାରଙ୍କ ଉଜାଲା ଯୋଜନା ମାଧ୍ୟମରେ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ବିଭିନ୍ନ ବିଷୟର ମୌଳିକ ଅଭିବୃଦ୍ଧି ଶିକ୍ଷା ବର୍ଷ ଆରମ୍ଭରୁ ପ୍ରୟାସ କରାଯାଇଥିଲା। କିନ୍ତୁ ଛାତ୍ରୀଛାତ୍ରଙ୍କୁ ଏନେଇ ଶିକ୍ଷା ପ୍ରଦାନ କରାଯାଇଥିଲେ ସୁଦ୍ଧା ଏହାରୁ ସଠିକ ଉପଯୋଗ ହୋଇପାରି ନାହିଁ। ଆସନ୍ତା ୮ରୁ ଜିଲାର ସମସ୍ତ ବ୍ଲକ ଅନ୍ତର୍ଗତ ପ୍ରାଥମିକ ବିଦ୍ୟାଳୟରେ ନବଦୃଷ୍ଟି ମାଧ୍ୟମରେ ଭାଷା ଓ ଗଣିତ ମୌଳିକ ଅଭିବୃଦ୍ଧି ପାଇଁ ଶିକ୍ଷାଦାନ କରାଯିବ। ସାଧନକର୍ମୀ କାଳୁଚରଣ ଛୋଟରାୟ, ସାଗରିକା ମିଶ୍ର, ପଙ୍କଜ ମହାନ୍ତି, ରମେଶଚନ୍ଦ୍ର ସାହୁ, ତିଶଙ୍କୁ ସୁବୁଦ୍ଧି 'ନବଦୃଷ୍ଟି'ର କାର୍ଯ୍ୟକାରିତା ନେଇ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଇଓ ସରୋଜିନୀ ଦଣ୍ଡସେନା, ଅର୍ପିତା ପ୍ରଧାନ, ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଣ୍ଡା, ବିକାଶ ଚନ୍ଦ୍ର ସରକାର, ଶ୍ରୀକାନ୍ତ ଜାନୀ, ବିଜ୍ଞାନ ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁରର ୨୮୦ ଓ କୋରାପୁଟର ୨୧୧ ଜଣ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

### ସ୍ତ୍ରୀଙ୍କୁ ଆକ୍ରମଣ କରି ସ୍ୱାମୀ ଗିରଫ

**ଜୟପୁର,୫।୧(ନି.ପ୍ର.):** ସ୍ତ୍ରୀଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିବା ଅଭିଯୋଗରେ ଜୟପୁର ଟାଉନ ପୋଲିସ ସ୍ୱାମୀ କେ. ସୀମାଞ୍ଚଳ ରାଓ (୫୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବୋରିଗୁମ୍ମା ବଡ଼ପଦର ଗ୍ରାମର ସୀମାଞ୍ଚଳ ପରିବାର ସହ ଜୟପୁର ବକ୍ସିସାହିରେ ରହୁଛନ୍ତି । ସେ କାଠ ଫାଳିଆରେ ଅରକ୍ରମଣ କରିଥିବା ନେଇ ସ୍ତ୍ରୀ କେ. ଉମାନ ନିଜେ ଜୟପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ କେସ୍ ନଂ ୧/୧୯ରେ ଏକ ମାମଲା ରୁଜୁକରି ସ୍ୱାମୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପାରିବାରିକ କଳହରୁ ଏଭଳି ଘଟିଥିବା ଏସ୍ଆଇ ନିଲମ୍ ମଜୁମଦାର କହିଛନ୍ତି।

■ କୋଟପାଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

# ସ୍ଥାନ ସଂରକ୍ଷଣ ହେଲେ ବଦଳିପାରେ ସମୀକରଣ

**କୋଟପାଡ଼,୫।୧(ଡି.ଏନ୍.ଏ.)**



କଂଗ୍ରେସ ବିଧାୟକଙ୍କ ସହ ଭାଜପା ଓ ବିଜେଡିର ଆଶାୟୀ ପ୍ରାର୍ଥୀଙ୍କ ଶୁଭେଚ୍ଛା ବ୍ୟାନର ।

■ବିଜେଡି ମହିଳା ପ୍ରାର୍ଥୀ ଦେଲେ କଂଗ୍ରେସ ଗଡ଼ ଭାଙ୍ଗିବା ସମ୍ଭାବନା

■ଭାଜପାରେ ଆଶାୟୀ ଅନେକ, କାର୍ଯ୍ୟକ୍ରମ କମ୍

ଆଗକୁ ସାଧାରଣ ନିର୍ବାଚନ। ରାଜନୈତିକ ଦଳର ଆଶାୟୀପ୍ରାର୍ଥୀମାନେ ଏବେ ଗାଁ ମୁହାଁ। ନାନା ଉପାୟରେ ଲୋକଙ୍କ ସମର୍ଥନ ଯୋଗାଡ଼ିବାରେ ଲାଗିପଡ଼ିଛନ୍ତି ଆଶାୟୀପ୍ରାର୍ଥୀ। ନବବର୍ଷର ଶୁଭେଚ୍ଛା ସହିତ ସଭା, ସମିତି, ଭୋଜିଭାତ ଏବଂ କାର୍ଯ୍ୟକ୍ରମମାନ ଆୟୋଜନ କରି ଦଳୀୟକର୍ମୀଙ୍କୁ ଏକାଠି କରୁଛନ୍ତି। ଏହାସହିତ ମତଦାତାଙ୍କ ନିକଟତର ମଧ୍ୟ ହେଉଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ବିଧାୟକ ପଦ ପାଇଁ କୋଟପାଡ଼ ନିର୍ବାଚନ ମଣ୍ଡଳୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ସମ୍ଭାବନା ରହିଛି। ମୁଖ୍ୟ ଏବଂ ଗଳି ଛକରେ ଶୁଭେଚ୍ଛା ପୋଷ୍ଟର ଏବଂ ବ୍ୟାନର ଲାଗି ଗଲାଣି। ସ୍ୱର୍ଗତ ବାସୁଦେବ ମାଝି ୭ ଥର କଂଗ୍ରେସ ଦଳର ଟିକେଟ ପାଇ ବିଧାୟକଭାବେ ବିଜୟୀ ହୋଇଥିବାବେଳେ ତାଙ୍କ ପୂର୍ବରୁ ସ୍ୱର୍ଗତ ସୂର୍ଯ୍ୟନାରାୟଣ ମାଝି ମଧ୍ୟ ବିଜୟୀ ହୋଇଛନ୍ତି। କେବଳ ୧୯୯୦ ମସିହାରେ ସଦନ ନାୟକ ଜନତା ଦଳ ଟିକେଟ୍‌ରେ ଲଢ଼ି ବିଧାୟକଭାବେ ନିର୍ବାଚିତ ହୋଇଛନ୍ତି। ସେବେଠୁ ଏଠାରେ କଂଗ୍ରେସ ପ୍ରାର୍ଥୀମାନେ ହିଁ ବିଜୟଧାରା ଜାରି ରଖିଛନ୍ତି। ବର୍ତ୍ତମାନ କଂଗ୍ରେସ ବିଧାୟକ ଚନ୍ଦ୍ରଶେଖର ମାଝି ମଧ୍ୟ ନିର୍ବାଚନ ମଇଦାନକୁ ଓହ୍ଲାଇବା ଏକ ପ୍ରକାର ନିଶ୍ଚିତ ହୋଇଥିବା ତାଙ୍କ ସମର୍ଥକ କହିଛନ୍ତି। ଏ ଅଞ୍ଚଳରେ ବିଜେଡିର ସଂଗଠନ ମଜଭୁତ ଥିଲେ ବି ବହୁ ଆଶାୟୀପ୍ରାର୍ଥୀ ରହିଛନ୍ତି। କିନ୍ତୁ ଟିକେଟ ବଣ୍ଟନରେ ଦଳରେ ଅସନ୍ତୋଷ ସୃଷ୍ଟି ହେଉଥିବାରୁ ସମର୍ଥକମାନେ କଂଗ୍ରେସ ଦଳର ପ୍ରାର୍ଥୀଙ୍କ ସହିତ ଭିତିରି ବୁଝାମଣା ରଖି ସେମାନଙ୍କୁ ସମର୍ଥନ କରୁଛନ୍ତି। ଫଳରେ ବିଜେଡି ପ୍ରାର୍ଥୀଙ୍କ ପରାଜୟ ହେଉଛି। ଏଥର ବି ବିଜେଡିରେ ଅନେକ ଆଶାୟୀପ୍ରାର୍ଥୀ ଅଛନ୍ତି। ପଦ୍ମିନି ଦିଆନ, ବିକ୍ରମ ମାଝି, ଦୁର୍ଗା ମାଝି, ଖଗପତି ପୂଜାରୀ, ନୀଳକଣ୍ଠ ପୂଜାରୀ ପ୍ରମୁଖଙ୍କ ନାମ ଚର୍ଚ୍ଚାରେ ରହିଛି। ସେହିପରି ଭାଜପାରେ ଖଗେଶ୍ୱର ପୂଜାରୀ, ମିନି ଭତରା, ଘନ ସମରଥ, ଗୋପୀ ନାୟକ, ସନ୍ତୋଷ ଶିରି ପ୍ରମୁଖ ବିଧାୟକ ପ୍ରାର୍ଥୀଭାବେ ଆଶାୟୀ ଅଛନ୍ତି। କିନ୍ତୁ କଂଗ୍ରେସର କେବଳ ଚନ୍ଦ୍ରଶେଖର ମାଝିଙ୍କ ନାମ ଚର୍ଚ୍ଚାରେ ରହିଛି। ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ମହିଳାଙ୍କ ପାଇଁ ୩୩% ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଯଦି ଲାଗୁ ହୁଏ, ତେବେ କୋଟପାଡ଼ ନିର୍ବାଚନ ମଣ୍ଡଳୀରେ ବିଧାୟକ ପଦରେ ମହିଳା ପ୍ରାର୍ଥୀଙ୍କ ପାଇଁ ସଂରକ୍ଷଣ ରହିବା ଯଥେଷ୍ଟ ସମ୍ଭାବନା ରହିଛି। ଏଥିରେ ବିଜେଡିର ଫାଇଦା ହେବା ଅନୁମାନ କରାଯାଉଛି। ପୂର୍ବରୁ ବିଜେଡି ପ୍ରମୁଖ ମହିଳା ନେତ୍ରୀଙ୍କୁ ନେଇ ବିଭିନ୍ନ ସଭାସମିତି ଆୟୋଜନ କରିଆସୁଛି। କିନ୍ତୁ କଂଗ୍ରେସ ଏବଂ ଭାଜପା ତରଫରୁ ସେପରି କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଇନାହିଁ। ଏଥିରୁ ଅନୁମାନ କରାଯାଉଛି , ଯଦି ଏଠାରେ ବିଧାୟକ ପଦ ମହିଳାଙ୍କ ପାଇଁ ସଂରକ୍ଷଣ ରହିବ ତେବେ ବିଜେଡି ପୂର୍ବରୁ କରିଥିବା ସଭାସମିତିରେ ଦଳକୁ ଫାଇଦା ହେବ। ହେଲେ ଦେଖାଯାଉ କୋଟପାଡ଼ ନିର୍ବାଚନ ମଣ୍ଡଳୀ ମତଦାତା କାହାକୁ ବିଜୟ ମୁକୁଟ ପିନ୍ଧାଉଛନ୍ତି।

## ହିତାଧିକାରୀଙ୍କୁ ଡାକରେ ଜମିପଟ୍ଟା



ଡାକ ଯୋଗେ ପଟ୍ଟା ପ୍ରଦାନ ସେବାର ଅତିଥିଙ୍କ ଦ୍ୱାରା ଶୁଭାରମ୍ଭ କରାଯାଉଛି ।

**କୋରାପୁଟ,୫।୧(ସ୍ୱ.ପ୍ର.)**

କୋରାପୁଟ ତହସିଲ ପକ୍ଷରୁ ହିତାଧିକାରୀଙ୍କୁ ଡାକ ମାଧ୍ୟମରେ ଜମିପଟ୍ଟା ପ୍ରଦାନ କାର୍ଯ୍ୟର ଶୁଭାରମ୍ଭ ହୋଇଛି । କୋରାପୁଟ ତହସିଲଦାର ନେହେରୁ ମାଝି ଏହି କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ତହସିଲ ପକ୍ଷରୁ ୧୧ ଜଣଙ୍କୁ ଡାକ ଯୋଗେ ପଟ୍ଟା ପ୍ରଦାନ କରାଯାଇଛି। ପର୍ଯ୍ୟାୟକ୍ରମେ ପଟ୍ଟା ପାଇ ଆବେଦନ କରିଥିବା ଅନ୍ୟ ହିତାଧିକାରୀଙ୍କୁ ଡାକ ଯୋଗେ ପଟ୍ଟା ପ୍ରଦାନ କରାଯିବ । ଅନଲାଇନରେ ପଟ୍ଟା ପାଇଁ ଆବେଦନ କରିଥିବା ବ୍ୟକ୍ତିମାନେ ୪୫ ଦିନ ପରେ ଘରେ ବସି ପଟ୍ଟା ପାଇପାରିବେ ବୋଲି ତହସିଲଦାର କହିଛନ୍ତି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ସସ୍ମିତା ଜେନା, ତହସିଲର ମୁଖ୍ୟ କିରାଣି ବ୍ରଜବନ୍ଧୁ ପରିଡ଼ା, କନିଷ୍ଠ କିରାଣି ଶିବଶଙ୍କର ପୂଜାରୀ, ମାନସ ରାଉତରାୟ ଉପସ୍ଥିତ ଥିଲେ ।

## ଜିଲା କିଶାନ କଂଗ୍ରେସର ନୂତନ କର୍ମକର୍ତ୍ତା




ମନୋନୀତ ହୋଇଥିବା ନୂତନ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ ।

**ଜୟପୁର,୫।୧(ଡି.ଏନ୍.ଏ./ନି.ପ୍ର.)**

ଜୟପୁର କଂଗ୍ରେସ ଭବନରେ କିଶାନ କଂଗ୍ରେସ ଦଳର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି । ଶନିବାର ନୂତନ କର୍ମକର୍ତ୍ତାଙ୍କୁ ନେଇ ବୈଠକ ହୋଇଥିଲା । ଜିଲା କିଶାନ କଂଗ୍ରେସର ସଭାପତି କୃଷ୍ଣଚନ୍ଦ୍ର ନେପାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚାଷୀଙ୍କ ସମସ୍ୟା ଆଲୋଚନା କରାଯାଇଥିଲା। ସେହିପରି ରାଜ୍ୟ ସରକାରଙ୍କ କାଳିଆ ଯୋଜନା ଏକ ନିର୍ବାଚନ ପ୍ରହସନ ବୋଲି ଆଲୋଚନା ବେଳେ କୁହାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କୁ ଅଣଦେଖା କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଏଥିରେ ରାଜ୍ୟ ସେବାଦଳର ମୁଖ୍ୟ ବୀରେନ ପଟ୍ଟନାୟକ, ପିସିସି ସଦସ୍ୟ ଦୁର୍ଗାଶଙ୍କର ସାହୁ, ବିନୋଦ ମହାପାତ୍ର, ଅଜିତ ସାମନ୍ତରାୟ ଉପସ୍ଥିତ ଥିଲେ। ନୂତନ କର୍ମକର୍ତ୍ତାଙ୍କ ନାମ ସଭାପତି ନେପାକ ଘୋଷଣା କରିଥିଲେ। ଏଥିରେ ଉପସଭାପତି ଭାବେ କୈଳାସ ବିଶୋୟୀ, ରାମକୃଷ୍ଣ ପଡାଲ, ଶିବପ୍ରସାଦ ପଟ୍ଟନାୟକ, ସାଧାରଣ ସଂପାଦକ ନିରଞ୍ଜନ ପ୍ରଧାନ, ସାଧୁ ବାଙ୍କ, ନରସିଂହ ଦାଶ, ସୁବାସ ସେବତି, ସଂପାଦକ ବିଜୟ ପାଢ଼ୀ, ନବୀନ ଚନ୍ଦ୍ର ମାଦଳା ରହିଛନ୍ତି । ୧୪ଟି ବ୍ଲକର ସଭାପତି ଭାବେ କୋରାପୁଟର କୋଟା ସନ୍ନ୍ୟାସୀ, ଜୟପୁରର ଭାସ୍କର ଚନ୍ଦ୍ର ପଟ୍ଟନାୟକ, ବୋରିଗୁମ୍ମାର ନରସିଂହ ଶତପଥୀ, କୋଟପାଡ଼ର ଭାରତ ବିଶୋୟୀ, କୁନ୍ଦୁରାର କୃଷ୍ଣଚନ୍ଦ୍ର ଦାଶ, ବୈପାରୀଗୁଡ଼ାର ରଘୁନାଥ ନାୟକ, ଲମତାପୁଟର ମାଧବ ଡାର୍ଲି, ନନ୍ଦପୁରର ରାଲି ସିସା, ସେମିଳିଗୁଡ଼ାର ଶୋଭା ଦିସାରୀ, ପଟ୍ଟାଙ୍ଗିର ଗୌରହରି ଗଣ୍ଟା, ଦଶମନ୍ତପୁରର ପ୍ରଶାନ୍ତ ଭତ୍ରା, ଲକ୍ଷ୍ମୀପୁର ରୁଦ୍ରଧର ଜାନୀ, ନାରାୟଣପାଟଣାର ଅଭିମନ୍ୟୁ ସାହୁ, ବନ୍ଧୁଗାଁର ବି. ଶ୍ରୀନିବାସ ପଟ୍ଟନାୟକ ରହିଛନ୍ତି।

## ପଲିଥିନ ବର୍ଜନ ପାଇଁ ଶୋଭାଯାତ୍ରା

**ଜୟପୁର,୫।୧(ଡି.ଏନ୍.ଏ./ନି.ପ୍ର.)**



ସଚେତନତା ପାଇଁ ବାହାରିଥିବା ଶୋଭାଯାତ୍ରା ।

ଜୟପୁର ପୌରସଂସ୍ଥା ପକ୍ଷରୁ ସହରରେ ପଲିଥିନ ବ୍ୟବହାର ବର୍ଜନ କରିବା ଓ କାଗଜ ନିର୍ମିତ ଠୁଙ୍ଗା ବ୍ୟବହାର କରିବା ପାଇଁ ଏକ ସଚେତନତା ଶୋଭାଯାତ୍ରା ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି। ପୌର ନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାକୁ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ମଧୁମିତା ନାୟକ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ପୌର କାର୍ଯ୍ୟାଳୟରୁ ବାହାରି ରଥପଡିଆରେ ପହଞ୍ଚିବା ପରେ ସେଠାରୁ ପୁଣି ପୌର କାର୍ଯ୍ୟାଳୟକୁ ଫେରିଥିଲାୟ। ଏଥିରେ ସହରରେ କାଗଜ ଠୁଙ୍ଗା ପ୍ରସ୍ତୁତକାରୀ ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ । ସେହିପରି ନିଜେ ପ୍ରସ୍ତୁତ କରିଥିବା ବିଭିନ୍ନ ପ୍ରକାରର କାଗଜ ଠୁଙ୍ଗା ଶୋଭାଯାତ୍ରାରେ ପ୍ରଦର୍ଶନ କରିଥିଲେ ।

## ଗୁହାଳରେ ଅଗ୍ନିକାଣ୍ଡ: ଜଳିଗଲେ ୭୦ ଛେଳି

**ଆସିକା,୫।୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଆସିକା ବ୍ଲକ୍ ବଡଖୋଲି ଅସବର୍ଣ୍ଣବସ୍ତିରେ ଶୁକ୍ରବାର ରାତିରେ ଏକ ଛେଳି ଗୁହାଳରେ ଅଗ୍ନିକାଣ୍ଡ ଘଟି ୭୦ ଛେଳି ଜୀବନ୍ତ ଜଳି ଯାଇଛନ୍ତି। ଚିତ୍କାର ଛେଳି ପାଳକ ପହଞ୍ଚିବା ବେଳେକୁ ଛେଳି ସବୁ ଜଳିଯାଇଥିଲେ। ଅର୍ଦ୍ଧଦଗ୍ଧ ଅବସ୍ଥାରେ ଗୁହାଳରୁ ୧୦ ରୁ ୧୨ଟି ଛେଳି ଉଦ୍ଧାର କରାଯାଇଥିଲା। ତେବେ ସେମାନେ ମଧ୍ୟ ବଞ୍ଚିବା ଆଶା କ୍ଷୀଣ ବୋଲି ପ୍ରାଣୀ ଚିକିତ୍ସାଧିକାରୀ ଡ. ପ୍ରଭାତ କୁମାର ପରିଡା ସୂଚନା ଦେଇଛନ୍ତି। ଶୁକ୍ରବାର ରାତି ପ୍ରାୟ ସାଢେ ୧୨ଟାରେ ଏହି ଘଟଣା ଘଟିଥିବା ଓ ୧୫ ରୁ ୨୦ ମିନଟ ମଧ୍ୟରେ ଗୁହାଳ ସହ ଛେଳିଗୁଡିକ ଜଳି ଯାଇଥିବା ପାଳକ ଶଶି ନାଇକ ପ୍ରକାଶ କରିଛନ୍ତି। ଅଗ୍ନିକାଣ୍ଡ ପଛରେ କୌଣସି ଆକ୍ରୋଶମୂଳକ କାର୍ଯ୍ୟ ଆଶଙ୍କା କରିଛନ୍ତି ଶଶି। ଏନେଇ ସେ ଆସିକା ପୋଲିସ, ବିଡିଓ, ତହସିଲଦାର୍ ଏବଂ ପ୍ରାଣୀ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି।

## ପ୍ରାଥମିକ ଶିକ୍ଷକ ସଂଘ ବୈଠକ

**ପଟ୍ଟାଙ୍ଗି,୫।୧(ଡି.ଏନ୍.ଏ.):**

ପଟ୍ଟାଙ୍ଗି ସଦର ମା' ଗାଙ୍ଗମାଁ ମନ୍ଦିରରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ ସଂଘର ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ଅର୍ଜୁନ ଆର୍ଲାବଙ୍କ ସଭପତିତ୍ୱରେ ଆୟୋଜିତ ଏହି ବୈଠକରେ ୧୦୦ରୁ ଉର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ରାଜ୍ୟ ସରକାରଙ୍କ କାର୍ଯ୍ୟ ଓ ନିଷ୍ପତ୍ତିକୁ ନାପସନ୍ଦ କରୁଥିଲେ। ପୁରୁଣା ପେନସନ ଲାଗୁ କରିବା ଉପରେ ଗୁରୁତ୍ୱାରୋପ ସହ ସରକାରଙ୍କ କ୍ୟାଡର ରୁଲ ପ୍ରଚଳନ ପାଇଁ ଟାଳଟୁଳ ନୀତିକୁ ମଧ୍ୟ ବିରୋଧ କରାଯାଇଥିଲା। ସରକାରଙ୍କ ଦୋମୁହାଁ ନୀତିକୁ ବିରୋଧ କରି ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏକାଠି ହେବା ଦରକାର ବୋଲି ସଭାପତି ଆର୍ଲାବ ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ ନୂତନ ଭାବେ ନିୟମିତ ହୋଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜିଲା ସଭାପତି ପ୍ରଦୀପ ଜାଲ ସ୍ୱାଗତ ଜଣାଇଥିଲେ। ବୈଠକରେ ଜିଲା ଆବାହକ ଧରମା ପାତ୍ର, ବ୍ଲକ ସମ୍ପାଦକ ଘାସିରାମ ଖରା, ମହାଦେବ ହନ୍ତାଲ, ଜି. ଜଇତୁ, ମୋହନ ବାଙ୍କା, ମାନସ ଜାନି, ରାମଚନ୍ଦ୍ର ପ୍ରଧାନ ଓ ଲଇଚନ ହନ୍ତାଳ ଉପସ୍ଥିତ ଥିଲେ।



ବୈଠକରେ ସଂଘର କର୍ମକର୍ତ୍ତାମାନେ ।

## ବରିଷ୍ଠ ନାଗରିକଙ୍କ ପାଇଁ ଆସ୍ଥାନ ଗୃହ ଉଦ୍‌ଘାଟିତ

**କୋରାପୁଟ,୫।୧(ସ୍ୱ.ପ୍ର.)**

କୋରାପୁଟ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶନିବାର ବରିଷ୍ଠ ନାଗରିକଙ୍କ ପାଇଁ ଆସ୍ଥାନ ଗୃହ ଉଦ୍‌ଘାଟିତ ହୋଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଏଠାରେ ବରିଷ୍ଠ ନାଗରିକଙ୍କ ପାଇଁ ଖବରକାଗଜ, କ୍ୟାରମ, ଚେସ୍ ଭଳି ବିଭିନ୍ନ ବ୍ୟବସ୍ଥା କରାଯାଇଛି। ସେମାନେ ଘରେ ନବସି ଏଠାରେ ବିଭିନ୍ନ ଖବରକାଗଜ ପଢ଼ିବା ସହ ଅନ୍ୟ ବରିଷ୍ଠ ନାଗରିକଙ୍କ ସହ କଥା ହୋଇ ନିଜର ମାନସିକ ସ୍ଥିତି ଦୃଢ଼ କରିପାରିବେ ବୋଲି ବୈଠକରେ ଅଧ୍ୟକ୍ଷତା କରି ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସଂପାଦକ ତଥା ପୂର୍ବତନ ଜିଲାପାଳ ଗଦାଧର ପରିଡ଼ା କହିଛନ୍ତି। କୋଟସର ନିର୍ଦ୍ଦେଶକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ଆସ୍ଥାନ ଗୃହ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ।

## ସୁନାମଣିଙ୍କ ପାଇଁ ସ୍ୱପ୍ନ ପାଲଟିଛି ଆବାସ ଗୃହ

**ଦଶମନ୍ତପୁର,୫।୧(ଡି.ଏନ୍.ଏ.)**



ନିଜ ଘର ସମ୍ମୁଖରେ ସୁନାମଣି ପରଜା ।

ଦଶମନ୍ତପୁର ବ୍ଲକ୍ ଚିକାମ୍ବ ପଞ୍ଚାୟତ ଆଦିବାସୀ ସାହିର ଦୁଇ ଝିଅଙ୍କ ଜନନୀ ସୁନାମଣି ପରଜା ନୁଆଣିଆ ଚାଳକୁଡ଼ିଆରେ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି। ଅନେକ ବର୍ଷ ତଳେ ସ୍ୱାମୀ ମୃତ୍ୟୁବରଣ କରିଛନ୍ତି। ସେ ବହୁ କଷ୍ଟରେ ଦୁଇ ଝିଅଙ୍କ ବିବାହ କରାଇଛନ୍ତି। ଏବେ ସୁନାମଣି ଏକା। ବହୁ ବର୍ଷର ଚାଳକୁଡ଼ିଆର ଛପର ଅନେକ ସ୍ଥାନରେ ଉଡ଼ିଯିବା ସହିତ ମାଟି କାନ୍ଥ ଭୁଶୁଡ଼ି ପଡ଼ିଛି। ସୁନାମଣିଙ୍କୁ ୯୫ ବର୍ଷ ହୋଇଥିଲେ ମଧ୍ୟ କଷ୍ଟେମଷ୍ଟେ ଦିନକୁ ଦୁଇମୁଠା ରାନ୍ଧି ଖାଉଛନ୍ତି। ବୟସାଧିକ ହେତୁ ସେ ରୋଜଗାର ଅକ୍ଷମ । ତାଙ୍କୁ ମିଳୁଥିବା ୩ ଶହ ଟଙ୍କା ଭତ୍ତାରାଶି ବୃଦ୍ଧିକରି ୫ ଶହ କରିବାକୁ ଦାବି କରିଛନ୍ତି ସୁନାମଣି। ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ବ୍ଲକ୍ ପ୍ରଶାସନରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସେ କହିଛନ୍ତି। ସ୍ଥାନୀୟ ଅଧିକାରୀ ଅଜିତ୍ ଭତ୍ରା ସୁନାମଣିଙ୍କ ପାଇଁ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପଦକ୍ଷେପ ନେବେ ବୋଲି କହିଛନ୍ତି। ସୁନାମଣିଙ୍କ ପାଇଁ ସମିତି ସଭ୍ୟା ଭାରତୀ କନ୍ଧପାନ ଭତ୍ତା ଏବଂ ଗୃହ କରାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଇଭିଏମ୍,ଭିଭିପ୍ୟାଟ୍ ନେଇ ସଚେତନ ହେବେ ଭୋଟର

**କୋରାପୁଟ,୫।୧(ସ୍ୱ.ପ୍ର.)**



ଖବରଦାତା ସମ୍ମିଳନୀରେ ଜିଲା ପ୍ରଶାସନିକ ଅଧିକାରୀମାନେ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉଛନ୍ତି ।

ଜିଲା ପ୍ରଶାସନ ଇଭିଏମ୍ ଏବଂ ଭିଭିପ୍ୟାଟ୍ ସମ୍ପର୍କରେ ମତଦାତାଙ୍କୁ ସଚେତନ କରାଇବା ପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। ଆସନ୍ତା ୭ ତାରିଖରୁ ମାସେ ବ୍ୟାପି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ସୂଚନା ଦେଇଛନ୍ତି।

ଏହା କୋରାପୁଟ ସଦର ମହକୁମାରୁ ଆରମ୍ଭ ହୋଇ ଜିଲାର ସମସ୍ତ ୫ଟି ବିଧାନସଭା ମଣ୍ଡଳୀରେ ଅନୁଷ୍ଠିତ ହେବ। ପ୍ରତି ବିଧାନସଭା ମଣ୍ଡଳୀରେ ୬ ଟି ଲେଖାଏ ସଚେତନତା ଗାଡ଼ି ପରିଭ୍ରମଣ କରି ମତଦାତା ଇଭିଏମ୍‌ରେ କିପରି ମତଦାନ କରିବେ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବ। ଉକ୍ତ ଗାଡ଼ି ଜିଲାର ୧୪ଟି ବ୍ଲକ୍‌ର ୨୪୦ଟି ପଞ୍ଚାୟତର ୨୦୨୮ ରାଜସ୍ୱ ଗ୍ରାମ ପରିଦର୍ଶନ କରି ମତଦାତାଙ୍କୁ ସ୍ଥାନୀୟ ହାଟ ଓ ବୁଥଗୁଡ଼ିକରେ ଡେମନଷ୍ଟ୍ରେଶନ ମାଧ୍ୟମରେ ସଚେତନ କରାଇବ। ଜିଲାର ସମସ୍ତ ୧୧୪୧ଟି ବୁଥ୍‌ରେ ଇଭିଏମ୍ ରଖାଯାଇ ସେଠାର ୫୦ ଜଣ ମତଦାତା ଏଥିରେ ମତଦାନ କରିବା ପରେ ଗଣତି କରାଯାଇ ସଚେତନତା ସୃଷ୍ଟି କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଜିଲାର ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତର ସମସ୍ତ ୨୮ଟି ରାଜସ୍ୱ ଗ୍ରାମ ମତଦାତାଙ୍କୁ ଇଭିଏମ୍‌ରେ ମତଦାନ କରିବା ନେଇ ଡେମନ୍‌ଷ୍ଟ୍ରେଶନ ମାଧ୍ୟମରେ ସଚେତନ କରାଯିବ । ସୂଚନାଥାଉ କି , ଲକ୍ଷ୍ମୀପୁର ବିଧାନସଭାମଣ୍ଡଳୀରେ ୨୨୩ଟି ବୁଥ୍ ରହିଥିବାବେଳେ କୋଟପାଡ଼ରେ ୨୪୩ , ଜୟପୁରରେ ୨୩୫ , କୋରାପୁଟରେ ୨୦୪ ଏବଂ ପଟ୍ଟାଙ୍ଗି ବିଧାନସଭା ମଣ୍ଡଳୀରେ ୨୩୬ଟି ମତଦାନ କେନ୍ଦ୍ର ରହିଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଜିଲା ସହକାରୀ ଜିଲାପାଳ (ନିର୍ବାଚନ) ସବ୍ୟସାଚୀ ବେହେରା ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ରବିବାର, ୬ ଜାନୁୟାରୀ, ୨୦୧୯



## ସଂକ୍ଷେପରେ

### ବେଆଇନ ବାଲି ଚାଲାଣ ୫ ଟ୍ରାକ୍ଟର ଜବତ, ଜରିମାନା ଆଦାୟ

**ଗୁଣପୁର,୫ା୧(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ତହସିଲଦାର ବେଆଇନ ଭାବେ ଚାଲାଣ ହେଉଥିବା ବାଲି ଏବଂ ପଥର ଟ୍ରାକ୍ଟର ଉପରେ ଚଢାଉ କରିଛନ୍ତି। ଏଥିସହ ୭୫ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି । ଓଡିଶା ରାସ୍ତା ଦେଇ ବାଓିଲି ଅଞ୍ଚଳରୁ ଆନ୍ଧ୍ରକୁ ବାଲି ଚାଲାଣ ହେଉଥିବା ଖବରପାଇ ତହସିଲଦାର ନମ୍ରତା ମୋଦି ଚଢାଉ କରିଥିଲେ । ୫ଟି ଟ୍ରାକ୍ଟର ଜବତ କରିବା ସହ ୬୦ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ । ସେହିପରି ଗୁଣପୁର ଅଞ୍ଚଳରେ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟରରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ଆଉ ଗୋଟିଏ ବେଆଇନ ପଥର ବୋଝେଇ ଟ୍ରାକ୍ଟର ମାଲିକ ଜଣା ପଡି ନ ଥିବାରୁ ତାହାକୁ ଥାନାକୁ ହସ୍ତାନ୍ତର କରାଯାଇଥିବା ତହସିଲଦାର କହିଛନ୍ତି ।

### ୮ରେ ସଚିବାଳୟ ଘେରିବ ଭାଜପା

**ରାୟଗଡା ଅଫିସ୍, ୫ା୧:** ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଭାଜପା ପକ୍ଷରୁ ଆସନ୍ତା ୮ତାରିଖରେ ସଚିବାଳୟ ଘେରାଉ କରାଯିବ । ରାଜ୍ୟ ସରକାରଙ୍କ ଅପାରଗତା ଓ ମନମୁଖି ଶାସନ ଏବଂ ଚାଷୀଙ୍କ ପ୍ରତି ଅନ୍ୟାୟ ପ୍ରତିବାଦରେ ଏହି ଘେରାଉ କରାଯିବା ନେଇ ଦଳ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ରାୟଗଡା ଜିଲାର ସମସ୍ତ ବ୍ଲକ୍‌ର ୫୦୦ରୁ ଉର୍ଦ୍ଧ୍ୱ ଚାଷୀ ସାମିଲ୍ ହେବେ। ବିଜେଡି ସରକାର କେତେବେଳେ କାଳିଆ ଯୋଜନା ନାଁରେ ଭଣ୍ଡାଉଛନ୍ତି ତ କେତେବେଳେ ମଣ୍ଡି ନ ଖୋଲି ଚାଷୀମାନଙ୍କୁ ହଇରାଣ କରୁଛନ୍ତି । ଏହାର ପ୍ରତିବାଦରେ ସାରା ରାଜ୍ୟରୁ ଚାଷୀମାନେ ଭୁବନେଶ୍ୱର ଆସି ନିଜ ହକ୍ ଦାବି କରିବା ସହ ସଚିବାଳୟ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବେ । ଏହି ଅବସରରେ ରାଜ୍ୟ ଉପସଭାପତି କୃଷକ ମୋର୍ଚ୍ଚା ରଜତ ମାଦଳା, ଜିଲା ସଭାପତି କୃଷକ ମୋର୍ଚ୍ଚା ବାଦଲ କୁମାର ରଣା ଉପସ୍ଥିତ ଥିଲେ ।

### ଶିକ୍ଷକ ଭବନ ଉଦ୍‌ଘାଟିତ

**ଟିକିରି,୫ା୧(ଡ଼ି.ଏନ.ଏ)-** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ସଦରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ଶିକ୍ଷକ ଭବନ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ କାଶୀପୁର ଏବିଇଓ ନବୀନଚନ୍ଦ୍ର ଦୋରା, ସତୀଶଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟିତ କରିଥିଲେ । ବିଆରସିସି ରେଙ୍ଗୁ ନାଏକ, ପ୍ରଧାନ ଶିକ୍ଷକ କୁଳମଣି ବଲିଆରସିଂ,ଶିକ୍ଷକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଗୌଡ଼, ସୋମନାଥ ଗଉଡ଼,ପବିତ୍ରମୋହନ ନାଏକ, ଜିତେନ୍ଦ୍ର କୁମାର ବୈଦ୍ୟ, ରାମନାଥ ମାଝି, ଅରୁଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରସନ୍ନ ବେହେରା, ରବୀନ୍ଦ୍ର କୁମାର ତ୍ରିପାଠୀ, ପ୍ରବୀଣ ସାହୁ, ମନୋରଞ୍ଜନ ପଣ୍ଡା, ତୁଫାନ୍ ନାଏକ, କୃଷ୍ଣା ମାଝିନି ପଣ୍ଡା, ବିଜୟ ପତି ପ୍ରମୁଖ ପରିଚାଳନା କରିଥିଲେ ।

■ ନିର୍ବାଚନ ସଂକ୍ରାନ୍ତୀୟ ବୈଠକ

# ପୁରୁଷଙ୍କ ତୁଳନାରେ ମହିଳା ଭୋଟର ଅଧିକ

**ରାୟଗଡା ଅଫିସ୍, ୫ା୧**



ଖବରଦାତା ସମ୍ମିଳନୀରେ ଜିଲାପାଳଙ୍କ ସହ ଅନ୍ୟମାନେ ।

ରାୟଗଡା ଜିଲାରେ ପୁରୁଷଙ୍କ ଅପେକ୍ଷା ମହିଳା ଭୋଟରଙ୍କ ସଂଖ୍ୟା ଅଧିକ । ଯାହାକି ଏକ ଶୁଭ ସଙ୍କେତ । ଶନିବାର ପ୍ରଶାସନ ପକ୍ଷରୁ ନିର୍ବାଚନ ସଂକ୍ରାନ୍ତୀୟ ବୈଠକରେ ଏହି ସୂଚନା ମିଳିଛି । ଜିଲାରେ ଭୋଟରଙ୍କ ସଂଖ୍ୟା ରହିଛି ୬ଲକ୍ଷ ୪୮ହଜାର ୫୧୬ । ସେଥିମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୩ଲକ୍ଷ ୭ହଜାର ୨୯୭ ରହିଥିବା ବେଳେ ମହିଳାଙ୍କ ସଂଖ୍ୟା ରହିଛି ୩ଲକ୍ଷ ୪୧ହଜାର ୯୬ । ଯାହାକି ପ୍ରାୟ ୩୪ହଜାର ଅଧିକ । ରାୟଗଡ଼ାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଗୁହା ପୁନମ ତାପସ କୁମାର ଏହି ସୂଚନା ଦେଇଛନ୍ତି । ରାୟଗଡା ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୨୯ହଜାର ୪୮୪ ଭୋଟର ରହିଥିବା ବେଳେ ପୁରୁଷଙ୍କ ସଂଖ୍ୟା ୧ଲକ୍ଷ ୯ହଜାର ୧୮୬ ଓ ମହିଳାଙ୍କ ସଂଖ୍ୟା ରହିଛି ୧ଲକ୍ଷ ୨୦ହଜାର ୨୧୦ । ବିଷମକଟକ ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୧୪ହଜାର ୭୭୯ଜଣ ଭୋଟର ରହିଛନ୍ତି । ସେଥିମଧ୍ୟରୁ ୯୯ ହଜାର ୨୯୨ଜଣ ପୁରୁଷ ଓ ୧ଲକ୍ଷ ୧୫ହଜାର ୪୬୯ ମହିଳା ରହିଛନ୍ତି । ସେହିଭଳି ଗୁଣପୁର ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୪ହଜାର ୨୫୩ ଭୋଟରଙ୍କ ମଧ୍ୟରୁ ୯୮ହଜାର ୮୧୯ ପୁରୁଷ ଓ ୧ଲକ୍ଷ ୫ହଜାର ୪୧୭ ମହିଳା ରହିଛନ୍ତି । ଡିସେମ୍ବର ସୁଦ୍ଧା ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି । ଜିଲାରେ ଭୋଟରଙ୍କ ମଧ୍ୟରୁ ୨୩ହଜାର ଦିବ୍ୟାଙ୍ଗ ମଧ୍ୟ ରହିଛନ୍ତି । ପୂର୍ବରୁ ଦିବ୍ୟାଙ୍ଗଙ୍କ ସଂଖ୍ୟା ମଧ୍ୟ ଖୁବ୍ କମ୍ ରହିଥିଲା । ଆସନ୍ତା ସାଧାରଣ ନିର୍ବାଚନରେ କିଭଳି ଶତ ପ୍ରତିଶତ ମତଦାନ ଭୋଟର କରିବେ ସେଥି ନିମନ୍ତେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । ଚଳିତ ନିର୍ବାଚନରେ ପ୍ରଥମଥର ପାଇଁ ବ୍ୟବହାର ହେବ ଭିଭିପାଟ । ଭିଭିପାଟ ଯନ୍ତ୍ରର ଉପକାରିତା ଓ ବ୍ୟବହାର ସମ୍ପର୍କରେ ପ୍ରତ୍ୟେକ ଗାଁରେ ଲୋକଙ୍କୁ ସଚେତନ କରାଯିବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଚିଠି ନଂ ୧୨୦୭୯/୨୦.୧୨.୧୮ ଅନୁଯାୟୀ, ଜିଲାର ୧୧ଟି ବ୍ଲକ୍, ୨ଟି ପୌରାଞ୍ଚଳ ଓ ଗୋଟିଏ ଏନ୍‌ଏସିର ପ୍ରଦର୍ଶକଙ୍କୁ ଦୁଇଥର ତାଲିମ ପ୍ରଦାନ କରାଯାଇଛି । ଉକ୍ତ ତାଲିମଧାରୀମାନେ ୭ଟି ଟିମ୍‌ରେ ବିଭକ୍ତ ହୋଇ ଭୋଟରଙ୍କୁ ଭିଭିପାଟର ବ୍ୟବହାରିତା ସମ୍ପର୍କରେ ବୁଝାଇବେ । ଏଥିନିମନ୍ତେ ୨୧ଟି ଭିଭିପାଟ ରଥ ମଧ୍ୟ ଗଠନ କରାଯାଇଛି । ଜିଲାର ସହରାଞ୍ଚଳ ବ୍ୟତୀତ ୨୬୫୯ଟି ରାଜସ୍ୱ ଗ୍ରାମରେ ଏହା ପ୍ରଦର୍ଶିତ ହେବ । ପ୍ରଦର୍ଶନ ବେଳେ ଇଭିଏମ୍ ଓ ଭିଭିପାଟର ସତ୍ୟତା, ସଠିକତା ଓ ବ୍ୟବହାର ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ ବୋଲି ଜିଲାପାଳ କହିଛନ୍ତି । ଆସନ୍ତା ୨୫ତାରିଖ ଭୋଟର ଦିବସରେ ଭୋଟଦାନ ସମ୍ପର୍କରେ ମଧ୍ୟ ଲୋକଙ୍କୁ ସଚେତନ କରିବା ନିମନ୍ତେ ଏକ ପ୍ରଚାର ରଥ ବୁଲିବ । ଯେଉଁ ୭ଟି ଟିମ୍ ଗଠନ ହୋଇଛି ପ୍ରତି ଟିମ୍‌ରେ ୨ଜଣ ଲେଖାଏଁ ପ୍ରଦର୍ଶନ ଅଧିକାରୀ ଓ ସହାୟକ କର୍ମଚାରୀଙ୍କ ସମେତ ପୋଲିସ ନିୟୋଜିତ ରହିବେ । ଏତଦବ୍ୟତୀତ ନୂତନ ଭାବେ ଆହୁରି ଅଧିକ ଯୁବଗୋଷ୍ଠୀ ଭୋଟର ତାଲିକାରେ ନିଜ ନାମ ଯୋଡିବା ନିମନ୍ତେ ଭୋଟର ଦିବସରୁ ସବୁ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବା ସହ ମହାବିଦ୍ୟାଳୟର ଅଧକ୍ଷମାନଙ୍କୁ ଏହାର ଦାୟିତ୍ୱ ପ୍ରଦାନ କରାଯିବ । ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ସୁଧାକର ଶବର, ଗୁଣପୁର ଉପଜିଲାପାଳ ବି.ସିଦ୍ଧେଶ୍ୱର ବଳିରାମ, ଜିଲା ନିର୍ବାଚନ ଅଧିକାରୀ ନାରାୟଣ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ତିତ୍‌ଲି କ୍ଷତିପୂରଣ ପ୍ରଦାନ ଦାବିରେ ଧାରଣା ୨୭ରେ

**ଗୁଣପୁର,୫ା୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ବ୍ଲକ ଲୋକ ଚେତନା ସଂଗଠନ କାର୍ଯ୍ୟକାରୀ କମିଟିର ବୈଠକ ସ୍ଥାନୀୟ ତହସିଲ ଅଫିସ ନିକଟ ସଙ୍ଗୀତ କଳାନିକେତନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗୁଣପୁର ବ୍ଲକର ୧୯ଟି ପଞ୍ଚାୟତର ଗ୍ରାମ ମୁଖିଆ ଏବଂ ୱାର୍ଡମେମ୍ବର ଯୋଗ ଦେଇଥିଲେ । ଏଥିରେ ବର୍ତ୍ତମାନ ସୁଦ୍ଧା ରାଜ୍ୟସରକାର ତିତ୍‌ଲି କ୍ଷତିଗ୍ରସ୍ତଙ୍କ ଧାନ,କପା ଓ କାଜୁ ବଗିଚାର କ୍ଷତିପୂରଣ ପୈଠ କରି ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଆବେଦନ ହୋଇ ପଡି ରହିଥିବା ୨୦୦୦ରୁ ଉର୍ଦ୍ଧ୍ୱ ଜଙ୍ଗଲ ଜମି ପଟ୍ଟାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଆସନ୍ତା ୨୦ ତାରିଖ ସୁଦ୍ଧା ଜଙ୍ଗଲ ଜମି ପଟ୍ଟା ଏବଂ ତିତ୍‌ଲି କ୍ଷତିପୂରଣ ପ୍ରଦାନ କରା ନ ଗଲେ ଆଗାମୀ ୨୭ ତାରିଖଠାରୁ ତହସିଲ ଅଫିସ ସମ୍ମୁଖରେ ଅହୋରାତ୍ର ଧାରଣା ଦେବାକୁ ନିଷ୍ପତ୍ତି ନେଇଥିଲେ । ବୈଠକରେ ଲୋକ ଚେତନା ସଂଗଠନର ଜେମଶ ଶବର, ଗୁଡାରି ଆଦିବାସୀ ଗ୍ରାମ୍ୟଉନ୍ନୟନ ସଂଘର ଦିବାକର ଶବର, ସରପଞ୍ଚ ଗୌରୀ ଗମାଙ୍ଗ ,ସମିତି ସଭ୍ୟ ନାଜିତ ରଇତ, ଦାନିଏଲ ଶବର, ଆଲୋଲିଓ ଗମାଙ୍ଗ, ମିଳନିତା ମଣ୍ଡଳ ପ୍ରମୁଖଙ୍କ ନେତତ୍ୱରେ ବୈଠକ ହୋଇଥିଲା ।



ବୈଠକରେ ଲୋକ ଚେତନା ସଂଗଠନ କାର୍ଯ୍ୟକାରୀ କମିଟିର ସଦସ୍ୟଙ୍କ ସହ ଅନ୍ୟମାନେ ।

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀଙ୍କ ସହ ଅନ୍ୟମାନେ ।

**ରାୟଗଡା ଅଫିସ୍, ୫ା୧**

ରାୟଗଡା ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଶୁକ୍ରବାର ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲାପାଳ ଗୁହା ପୁନମ ତାପସ କୁମାର ଅଧକ୍ଷତା କରିଥିଲେ । ପୂର୍ବ ବର୍ଷପରି ଚଳିତବର୍ଷ ଆୟୋଜିତ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳନ କରିବାକୁ ସମସ୍ତେ ସହଯୋଗ କରିବାକୁ ଜିଲାପାଳ ଆହ୍ୱାନ କରିଥିଲେ । ସେହିପରି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ । ଚଳିତ ବର୍ଷ ମଧ୍ୟ ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ରାମଧୂନ ପରିବେଷଣ କରାଯିବ । ପ୍ରତ୍ୟେକ ଅନୁଷ୍ଠାନ, ବେସରକାରୀ, ସରକାରୀ ଅନୁଷ୍ଠାନରେ ସକାଳ ୮ଟା ସୁଦ୍ଧା ପତାକା ଉତ୍ତୋଳନ କରାଯିବ । ପୂର୍ବାହ୍ନ ୮.୩୦ମିନିଟ୍‌ରେ ମୁଖ୍ୟ ଅତିଥି ସ୍ଥାନୀୟ ଜିସିଡି ପଡିଆଠାରେ ଜାତୀୟ ପତାକା ଉତ୍ତୋଳନ କରି ଉଦ୍‌ବୋଧନ ଦେବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ, ସଫଳ ବ୍ୟକ୍ତିବିଶେଷମାନଙ୍କୁ ପୁରସ୍କୃତ କରାଯିବ । ପରେଡ୍‌ରେ ବିଏସ୍ଏଫ୍, ସିଆର୍‌ପିଏଫ୍, ଏପିଆର୍ ଓ ସମର ଶିକ୍ଷାର୍ଥୀ, ସ୍କାଉଟ୍, ଗାଇଡ୍, ରେଡକ୍ରସ୍, ସାଦାପୋଷାକ ଦଳ ଅଂଶଗ୍ରହଣ କରିବେ । ପରେ ଶାରୀରିକ କ୍ରୀଡା କୌଶଳ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ହେବ । ଏହା ପୂର୍ବରୁ ବିଭିନ୍ନ ଶିକ୍ଷାନୁଷ୍ଠାନ ଦ୍ୱାରା ସହରରେ ଅବସ୍ଥାପିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମ୍ୟାଲାର୍ପଣ କରାଯିବ । କାର୍ଯ୍ୟକ୍ରମ ପରେ ମୁଖ୍ୟ ଅତିଥି ଜିଲା ମୁଖ୍ୟ ଚିକିତ୍ସାଳୟ, ଜିଲା କାରାଗାର, ବୃଦ୍ଧାଶ୍ରମ ଓ ସେବା ସମାଜ ଓ ସୁଧାର ଗୃହରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିବେ । ବକ୍ତୃତା, ପ୍ରବନ୍ଧ, ଦେଶାତ୍ମବୋଧ, ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗିତାକୁ ଜିଲା ଶିକ୍ଷାଧିକାରୀ ଓ ଜିଲା ସଂଯୋଜକ ସର୍ବଶିକ୍ଷା ଅଭିଯାନ ଆୟୋଜନ କରିବେ । ଜିଲା କ୍ରୀଡା ଅଧିକାରୀ ବନ୍ଧୁତାପୂର୍ଣ୍ଣ ଭଲିବଲ୍ ମ୍ୟାଚ୍ ଆୟୋଜନ କରିବେ ।

# ବିଜୁ ଜନତା ଦଳର ସଂଯୋଜକ ନିଯୁକ୍ତି

**ଆମ୍ବାଦୋଳା, ୫ା୧ (ଡି.ଏନ୍.ଏ.)**

ବିଜୁ ଜନତା ଦଳର କର୍ମୀମାନଙ୍କୁ ନେଇ ସଂଯୋଜକ ନିଯୁକ୍ତି କରାଯାଇଛି । ରାୟଗଡା ଜିଲା ମୁନିଗୁଡା ବ୍ଲକର ଆମ୍ବାଦୋଳା ଗ୍ରାମର ରତନ ପୁଷ୍ଟିଙ୍କୁ ବିଷମକଟକ ବ୍ଲକ , ବିନୋଦ ସାହୁଙ୍କୁ ଗୁଣୁପୁର ନିର୍ବାଚନ ମଣ୍ଡଳିର ଗୁଡାରି ବ୍ଲକ, ଦକ୍ଷ ବାଥାଙ୍କୁ ଗୁଣପୁର ନିର୍ବାଚନ ମଣ୍ଡଳିର ଚନ୍ଦ୍ରପୁର ବ୍ଲକ, ବେଣୁଧର ଖୋସଲା ରାୟଗଡା ନିର୍ବାଚନ ମଣ୍ଡଳିର କାଶିପୁର ବ୍ଲକ, ମୁକୁନ୍ଦ ତ୍ରିପାଠୀଙ୍କୁ ବାରିପଦା ଏନ୍ଏସିର ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି । ଏ ନେଇ ସେମାନେ ଭୁବନେଶ୍ୱର ନବୀନ ନିବାସ ଯାଇ ତାଲିମ ପାଇଥିବା ମଧ୍ୟ ଜଣାପଡିଛି। ସଂଯୋଜକ ହେବା ପରେ ସେମାନେ ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ, ଯୋଜନାବୋର୍ଡ ଅଧକ୍ଷ ସୁଧୀର କୁମାର ଦାସ, ରାଜ୍ୟ ସମ୍ପାଦକ ପୃଥ୍ୱିରାଜ ସାହୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆମକୁ ମିଳିଥିବା ଦାୟିତ୍ୱ ନିଷ୍ଠାର ସହ ପାଳନ କରିବୁ ବୋଲି ମତ ପ୍ରକାଶ କରିଛନ୍ତି ।

# ଆତ୍ମନିଯୁକ୍ତି ତାଲିମ ଶିବିର

**ରାୟଗଡା ଅଫିସ୍, ୫ା୧**

ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ରାୟଗଡା ଏବଂ ମ୍ୟୁନିସିପାଲିଟି ରାୟଗଡା ସହଯୋଗରେ ସ୍ଥାନୀୟ ଆଶ୍ରୟସ୍ଥଳ (ଶେଲଟର ହୋମ୍ ଅଫ୍ ମ୍ୟୁନିସିପାଲଟି) ଠାରେ ଏକ ୧୦ଦିନିଆ ଆତ୍ମନିଯୁକ୍ତି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଗୁହାପୁନମ ତାପସ କୁମାର ଯୋଗଦେଇ ଉକ୍ତ ତାଲିମର ଉପାଦେୟତା ଏବଂ ଏହା ଦ୍ୱାରା କିପରି ଏସ୍‌ଏଚ୍‌ଜି ସଦସ୍ୟ ସ୍ୱରୋଜଗାରୀ ହୋଇପାରିବେ ସେ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ମଙ୍ଗେଲାଲ ଜୈନ ଉପସ୍ଥିତ ରହି ଜାତୀୟ ସହରାଞ୍ଚଳ ଉନ୍ନୟନ ମିଶନ ଅଧୀନରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ତଥା ଏହି ତାଲିମରୁ କିପରି ଲାଭ ପାଇପାରିବେ ସେନେଇ ଆଲୋଚନା କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ରାଧାକାନ୍ତ ରାଉତ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ବାବଦରେ ଆଲୋକପାତ କରିଥିଲେ । ଏଥିରେ କପଡା ବ୍ୟାଗ୍, ପେପର ବ୍ୟାଗ, ଲଫାପା, ଫାଇଲ୍ ତିଆରି ନେଇ ତାଲିମ ଦିଆଯାଇଥିଲା । ଏଥିରେ ୭ଟି ଏସ୍‌ଏଚ୍‌ଜିର ୩୧ଜଣ ସଦସ୍ୟ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଶିକ୍ଷକ ତରଣୀସେନ ମେହେର ପରିଚାଳନା କରିଥିଲେ।

# କାଣ୍ଠପଡି ଶ୍ରମିକଙ୍କ ମୃତ୍ୟୁ

**ମୁନିଗୁଡା, ୫ା୧ (ଡି.ଏନ୍.ଏ.)**

ମୁନିଗୁଡା ଗୌଡ଼ ସାହିଠାରେ ଶନିବାର ଘରର କାଣ୍ଠ ପଡିଯିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୁନିଗୁଡା ଥାନା ଅନ୍ତର୍ଗତ ସିଙ୍ଗାରି ଗ୍ରାମର ଭିବିଷଣ କାଶୀ(୩୫) । ସେ ଶନିବାର ଆସି କାମ କରୁଥିବାବେଳେ ହଠାତ୍ କାନ୍ଥଟି ତାଙ୍କ ଉପରେ ପଡ଼ିଯାଇଥିଲା । ଫଳରେ ତାଙ୍କର ମୁଣ୍ଡରେ ଆଘାତ ଲାଗିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୁନିଗୁଡା ଥାନା ଏସ୍‌ଆଇ ତରୁଣ କୁମାର ମାହାଲି ଓ ସୁକାନ୍ତ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ଗାନ୍ଧୀ ଗ୍ରୁପ୍‌ର ବାର୍ଷିକ କ୍ରୀଡାର ଦ୍ୱିତୀୟ ଦିନ

**ରାୟଗଡା ଅଫିସ୍, ୫ା୧**

ଗାନ୍ଧୀ ଗ୍ରୁପ୍ ରାୟଗଡାର ଜିଷ୍ଟ, ଜିଆଇଏସିଆର, ଜୁପିଟର କଲେଜର ବାର୍ଷିକ କ୍ରୀଡା ମହୋତ୍ସବ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଗୋବିନ୍ଦ ପ୍ରସାଦ ରଥ, ଆର୍.ଏନ୍ ପଣ୍ଡା, ପି.ସି ମିଶ୍ରା, ଜୟଶ୍ରୀ ପାଣିଗ୍ରାହୀ ଯୋଗ ଦେଇଥିଲେ । ଏହି ଅବସରରେ ବେଟବିଟନ୍, କ୍ରିକେଟ୍, କ୍ୟାରମ୍, ଲିମନ୍ ରେସ୍, ଶଟପୁଟ୍, ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ପିଇଟି ଜୟନ୍ତ ପାଇଯୋଶୀ, ସୁନୀଲ ମାର୍ଥା, କାଳୀ ଆଚାର୍ଯ୍ୟ, ବାଦଲ ଆଚାର୍ଯ୍ୟ, ଗୌତମ ପଟ୍ଟନାୟକ, ଆନନ୍ଦ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ ।



କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ଜଣେ ଛାତ୍ରୀ ।

# ଆମ ପୋଲିସ ପକ୍ଷରୁ ଶୀତବସ୍ତ୍ର ପ୍ରଦାନ

**ଗୁଣପୁର,୫ା୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଆମ ପୋଲିସ ପକ୍ଷରୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା । ଅନାଥ, ରାସ୍ତାକଡରେ ରାତିରେ ଜୀବନ ବିତାଉଥିବା ଅସହାୟ ଏବଂ ଭିକାରିମାନଙ୍କୁ ଆମ ପୋଲିସ ପକ୍ଷରୁ ଶୀତ ବସ୍ତ୍ର ଦିଆଯାଇଥିଲା । ଏହି ଅବସରରେ ଆଇଆଇସି ରବୀନ୍ଦ୍ର କୁମାର ପାତ୍ର, ଏସଆଇ ବିରେନ ପଟ୍ଟନାୟକ, ସାମାଜିକ କର୍ମୀ ଅକ୍ଷୟ ଦାସ, ରମେଶ ଲିମା, ଆମ ପୋଲିସ ସଦସ୍ୟ ଡ.ପ୍ରଶାନ୍ତ ହୋତା, ରମେଶ ମିଶ୍ର , ବୁନା ପଟ୍ଟନାୟକ, ଲାଲୁ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।



ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ

**ଗୁଣପୁର,୫ା୧(ଡି.ଏନ.ଏ)**

ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୩ତମ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ତହସିଲଦାର ବି.ଏସ. ଦୁର୍ଗେୟା ସମ୍ମାନିତ ଅତିଥି, ଜେକେ କାଗଜ କଳର ଉପପ୍ରବନ୍ଧକ ସାମାଜିକ ଦାୟିତ୍ୱବୋଧ ଅଧିକାରୀ ହରିହର ଖମାରି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଆଦର୍ଶ ଏବଂ ସଂସ୍କାର ଯୁକ୍ତ ତଥା ଆଧ୍ୟାତ୍ମିକ ଶିକ୍ଷାର ଆବଶ୍ୟକତା ଉପରେ ଅତିଥିମାନେ ମତବ୍ୟକ୍ତ କହିଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ସଂଯୁକ୍ତା ନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଅନୁଷ୍ଠାନ ସଭାପତି ଲଳିତ ବୈଦ୍ୟଭୂଷଣଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଆଚାର୍ଯ୍ୟା ରେଣୁକା ପାତ୍ର ଗୀତା ପଠନ କରିଥିଲେ । ପ୍ରଧାନ ଶିକ୍ଷକ ଗୋପୀନାଥ ଶତପଥୀ, ସଙ୍କୁଳ ପ୍ରମୁଖ ମନୋରଞ୍ଜନ ରଥ ଉପସ୍ଥିତ ଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏଥିସହ ପାସୋରା ଅଜା ନମସ୍କାର ଏବଂ ଏଇ ମାଟି ଆମ ମାଆ ନାଟକ ପରିବେଷଣ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମକୁ କୈଳାସ ଦାସ, ନରସିଂହ ଶତପଥୀ ଏବଂ ସୁରେନ୍ଦ୍ର ମହାନ୍ତି ଉଦ୍‌ଘାଟନ କରିଥିଲେ ।

■ ରେଡକ୍ରସ ନାମରେ ଜାଲ ରସିଦ ଦେଇ ଠକେଇ ଘଟଣା

# କୋର୍ଟରେ ଆତ୍ମ ସମର୍ପଣ କଲେ ପୂର୍ବତନ ତହସିଲଦାର

**ଗୁଣପୁର,୫ା୧(ଡି.ଏନ.ଏ)**



କୋର୍ଟରେ ଆତ୍ମ ସମର୍ପଣ କରିବାକୁ ଯାଉଛନ୍ତି ପୂର୍ବତନ ତହସିଲଦାର ଅକ୍ଷମିତ୍ତା କାର୍ତ୍ତିକ ।

ରେଡକ୍ରସ ନାମରେ ଜାଲ ରସିଦ ଦେଇ ଅର୍ଥ ଆଦାୟ କରିବା ଘଟଣାରେ ରାୟଗଡା ଜିଲା ଗୁଣପୁରର ପୂର୍ବତନ ତହସିଲଦାର ତଥା ତେନ୍ତୁଳିଖୁଣ୍ଟି ବିଡିଓ ଅକ୍ଷମିତ୍ତା କାର୍ତ୍ତିକ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଏସଡିଜେଏମଙ୍କ କୋର୍ଟରେ ଶନିବାର ଆତ୍ମସମର୍ପଣ କରିଥିଲେ । ପରେ ଏସଡିଜେଏମ ବିଭୁଦତ୍ତ ନାୟକ ତାଙ୍କୁ ସର୍ତ୍ତମୂଳକଜାମିନ ପ୍ରଦାନ କରିଥିଲେ । ଏପରି ଘଟଣା ଯେପରି ପୁନରାବୃତ୍ତି ନ କରିବେ ସେହି ସର୍ତ୍ତରେ ସେ ଜାମିନରେ ଯାଇଛନ୍ତି ।

ଗୁଣପୁର ସହର ଲଛମନ ଢେପ ଅଞ୍ଚଳର ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଏବଂ ପ୍ରଲୋଭନ ଦେଖାଇ ସରକାରୀ ଜମିରେ ଘରପଟ୍ଟା ଦେବା ଆଳରେ ରେଡକ୍ରସ ନାମରେ ଜାଲ ରସିଦ ଦିଆଯାଇ ଟଙ୍କା ନିଆଯାଇଥିବା ଉପଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା । ରେଡକ୍ରସ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ରସିଦ ବହି ଏବଂ ତହସିଲ ଅଫିସର ରସିଦ ବହିରେ ଅନେକ ସାମଞ୍ଜସ୍ୟ ରହିଥିଲା । ଜାଲ ରସିଦ କରି ତହସିଲ ବିଭାଗ ଦ୍ୱାରା ଲକ୍ଷାଧିକ ଟଙ୍କା ଠକେଇ କରାଯାଇଥିବା ନେଇ କେତେକ ମହିଳା ଗତ ଫେବୃୟାରୀ ୨୮ ତାରିଖରେ ଗୁଣପୁରର ପୂର୍ବତନ ଉପଜିଲାପାଳ ଅମୃତ ରତୁରାଜଙ୍କ ନିକଟରେ ଅଭିଯୋଗ କରିଥିଲେ । ପରେ ଉପଜିଲାପାଳ ମାର୍ଚ୍ଚ ୭ ତାରିଖରେ ଗୁଣପୁର ଥାନାରେ ତହସିଲଦାର ଅକ୍ଷମିତ୍ତା କାର୍ତ୍ତିକ ଏବଂ କିରାଣି ସନ୍ତୋଷ ନିମାଲାଙ୍କ ନାମରେ ଏତଲା ଦେଇଥିଲେ । ଏନେଇ ପୋଲିସ ଏକ ମାମଲା (କେସ ନଂ.୩୬/୨୦୧୮) ରୁଜୁ କରିଥିଲା । ପୂର୍ବତନ ତହସିଲଦାର ଅକ୍ଷମିତ୍ତା ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତବାକ ପୋଲିସ ନିକଟରୁ ଅନ୍ତରିଣ ଜାମିନରେ ଯାଇଥିଲେ । ବର୍ତ୍ତମାନ ହାଇକୋର୍ଟ ଜାମିନ ମାମଲାର ସମ୍ପୂର୍ଣ୍ଣ ଶୁଣାଣି କରି ଗୁଣପୁର ଏସଡିଜେଏମଙ୍କ କୋର୍ଟରେ ଆତ୍ମସମର୍ପଣ କରି ନିୟମିତ ଜାମିନରେ ଯିବାକୁ ଅକ୍ଷମିତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସରକାରଙ୍କ ପକ୍ଷରୁ ଅକ୍ଷୟ ଶତପଥୀ ଓ ଅକ୍ଷମିତ୍ତାଙ୍କ ପାଇଁ ଜୟପୁରରୁ ଆସିଥିବା ଓକିଲ କାହ୍ନୁଚରଣ ମିଶ୍ର ମାମଲା ପରିଚାଳନା କରିଥିଲେ । ସେହିପରି ଗୁଣପୁର ଓକିଲ ସଂଘ ଏବଂ ଅକ୍ଷମିତ୍ତାଙ୍କ ମଧ୍ୟରେ ବିବାହ ବିବାଦ ରହିଛି । ଓକିଲ ଇନ୍ଦ୍ରାକ୍ଷୀ ଦାସ କରିଥିବା ୱାନ ସିସି ମାମଲାରେ ବର୍ତ୍ତମାନ ଗୁଣପୁର ଏସଡିଜେଏମଙ୍କ କୋର୍ଟରେ ସାକ୍ଷ୍ୟ ଗ୍ରହଣ ଚାଲୁ ରହିଛି ।




ପ୍ରତିଥର ଭଳି ଅନେକ ଆଶା, ଆକାଂକ୍ଷାକୁ ନେଇ ପୁଣି ଏକ ନୂତନ ବର୍ଷର ହୋଇଛି ଆରମ୍ଭ । ତେବେ କିଛି ଭିନ୍ନ କରିବାର ସଙ୍କଳ୍ପକୁ ନେଇ ଏହି ବର୍ଷକୁ ସ୍ୱାଗତ ଜଣାଇଥିବା କେତେଜଣ ଯୁବତୀଯୁବକଙ୍କ ସମ୍ପର୍କରେ...




ସାଗର


ସୁମିତ୍ରା


ଶିବରାମ

**ଘରଚଟିଆ ସଂରକ୍ଷଣ ପାଇଁ କାର୍ଯ୍ୟ କରିବି:** ପରିବେଶରେ ପରିବର୍ତ୍ତନ ଏବଂ ବିଭିନ୍ନ କାରଣରୁ ଗଞ୍ଜାମ ଜିଲାରେ ଘରଚଟିଆଙ୍କ ସଂଖ୍ୟା ଦ୍ରୁତ ହ୍ରାସ ହୋଇଥିଲା । ଅନେକ ସ୍ଥାନରେ ଘରଚଟିଆ ଦେଖିବାକୁ ମିଳୁ ନ ଥିଲେ । ହେଲେ ଗତ କିଛିବର୍ଷ ହେଲା ଘରଚଟିଆଙ୍କ ସଂରକ୍ଷଣ ଏବଂ ବଂଶବୃଦ୍ଧି ଦିଗରେ କାର୍ଯ୍ୟ କରିଆସୁଛନ୍ତି ବ୍ରହ୍ମପୁରର ସାଗର କୁମାର ପାତ୍ର। ସେ କୁହନ୍ତି, ବିଭିନ୍ନ ସାମାଜିକ କାର୍ଯ୍ୟ ଲାଗି ମୁଁ ଏବଂ ମୋର କେତେଜଣ ସାଙ୍ଗ ମିଶି ଆଞ୍ଚଳିକ ବିକାଶ ପରିଷଦ ନାମରେ ଏକ ସଂଗଠନ କରିଛୁ। ଯାହା ମଧ୍ୟରେ ଘରଚଟିଆଙ୍କ ବଂଶବୃଦ୍ଧି ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦେଉଛୁ। ବିଭିନ୍ନ ସୂତ୍ରରୁ ଟଙ୍କା ସଂଗ୍ରହ କରାଯାଇ ଘରଚଟିଆଙ୍କ ପାଇଁ କୃତ୍ରିମ ବାସସ୍ଥାନ କିଣିଛୁ ଏବଂ ସେଥିରେ ଖାଦ୍ୟ ମୁଣି ଖଞ୍ଜି ସହରର ବିଭିନ୍ନ ସ୍ଥାନରେ ଲଗାଇଛୁ। ଏହାଦ୍ୱାରା ବ୍ରହ୍ମପୁର ସହର ସମେତ ଏହାର ଉପକଣ୍ଠ ଅଞ୍ଚଳରେ ବି ଘରଚଟିଆଙ୍କ ସଂଖ୍ୟା ବଢ଼ିଛି । ଏଯାଏ ୧୩ଟି ବ୍ଲକର ବିଭିନ୍ନ ଗ୍ରାମରେ ଏପରି ବ୍ୟବସ୍ଥା କରିଥିବା ବେଳେ ଚଳିତବର୍ଷ ଗଞ୍ଜାମ ଜିଲାବ୍ୟାପୀ ଅର୍ଥାତ୍ ୨୨ଟି ଯାକ ବ୍ଲକ୍‌ରେ ପ୍ରସାର କରିବାକୁ ଉଦ୍ୟମ ଆରମ୍ଭ କରିଛୁ। ଯେମିତି ବର୍ଷ ଶେଷ ବେଳକୁ ସମସ୍ତ ଅଞ୍ଚଳ ଘରଚଟିଆଙ୍କ କିଚିରି ମିଚିରି ଶବ୍ଦରେ ମୁଖରିତ ହେବ । ଏହାସହ ପଡ଼ୋଶୀ ଗଜପତି, ନୟାଗଡ଼, ପୁରୀ ଏବଂ ଅନୁଗୋଳ ଜିଲାରେ ମଧ୍ୟ ଘରଚଟିଆ ସଂରକ୍ଷଣ ଏବଂ ବଂଶବୃଦ୍ଧି ଦିଗରେ କାର୍ଯ୍ୟ କରବାକୁ ନିଷ୍ପତ୍ତି ନେଇଛୁ ।

**ଅନ୍ୟର ସାହାଯ୍ୟ ଲାଗି ରକ୍ତଦାନ:** ନିଜ ଜନ୍ମଦିନକୁ ଯୁବପିଢ଼ି ବିଭିନ୍ନ ଢଙ୍ଗରେ ପାଳିଥାନ୍ତି। କେହି କେହି ହୋଟେଲ, ରେଷ୍ଟୁରାଣ୍ଟ ଯାଇ ସାଙ୍ଗସାଥୀଙ୍କ ସହ ମଜା କରନ୍ତି ତ ଆଉ କେହି ପରିବାର ସହ ମିଶି କେକ୍ କାଟି ଏହାକୁ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି। ହେଲେ ଗତ କିଛିବର୍ଷ ଧରି ନିଜ ଜନ୍ମଦିନରେ ରକ୍ତଦାନ କରି ନିଆରା ଢଙ୍ଗରେ ଏହାକୁ ପାଳନ କରୁଛନ୍ତି ପୁରୀ ସରକାରୀ ମହିଳା ମହାବିଦ୍ୟାଳୟର କଳା ତୃତୀୟ ବର୍ଷ ଛାତ୍ରୀ ସୁମିତ୍ରା ଦଳାଇ। ସେ କୁହନ୍ତି, କଲେଜରେ ୟୁଥ୍ ରେଡକ୍ରସ୍‌ରେ ଯୋଗଦାନ ପରେ ସାମାଜିକ ସେବା ଏବଂ ରକ୍ତଦାନ ପ୍ରତି ଆଗ୍ରହ ବଢ଼ିଥିଲା। ଥରେ ମେଡିକାଲରେ ଜଣେ ରୋଗୀ ବି- ପଜିଟିଭ୍ ରକ୍ତ ଲାଗି ରକ୍ତଭଣ୍ଡାର ନିକଟରେ ନେହୁରା ହେଉଥିବା ଦେଖି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲି। ସେବେଠୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ସ୍ଥିର କରିଥିଲି ଏବଂ କାହାର ଆବଶ୍ୟକତା ଥିଲେ ରକ୍ତ ଦେବାକୁ ଆଗେଇ ଆସୁଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ପ୍ରଶଂସିତ ହୋଇ ଯେତିକି ଆନନ୍ଦ ମିଳୁନି, ମୋ ରକ୍ତ କାହାରି ସେବାରେ ଲାଗୁଥିବାରୁ ତା'ଠୁ ବହୁତ ଖୁସି ଲାଗୁଛି। ଚଳିତ ବର୍ଷ କେବଳ ନିଜ ଜନ୍ମଦିନ ନୁହେଁ ଅନ୍ୟଦିନରେ ବି ରକ୍ତଦାନ କରିବାକୁ ସ୍ଥିର କରିଛି। ତା'ଛଡା ସାଙ୍ଗମାନଙ୍କୁ ମଧ ରକ୍ତଦାନ କରିବା ଲାଗି ଉତ୍ସାହିତ କରିବି ଏବଂ ସେମାନଙ୍କୁ ନେଇ ଏକ ଗ୍ରୁପ୍ ଗଠନ କରିବାକୁ ଲକ୍ଷ୍ୟ ରଖିଛି। ଯେପରି କୌଣସି ରୋଗୀର ରକ୍ତ ଆବଶ୍ୟକ ସମୟରେ ଆମ ଗ୍ରୁପ୍ ତାଙ୍କୁ ସହଯୋଗ କରିପାରିବୁ।

**ଲକ୍ଷ୍ୟ ଓଡ଼ିଶୀ ନୃତ୍ୟର ପ୍ରଚାର :** ସ୍କୁଲରେ ପଢ଼ିବା ବେଳଠୁ ଓଡ଼ିଶୀ ପ୍ରତି ତାଙ୍କର ରହିଥିଲା ଆଗ୍ରହ । ବୟସ ବଢ଼ିବା ସହିତ ଏହା ପରିଣତ ହୋଇଥିଲା ନିଶାରେ । ଆଉ ବର୍ତ୍ତମାନ ସେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ନୃତ୍ୟ ପରିବେଷଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ହେଉଛନ୍ତି ପୁରୀର ମା' ରାଜଲକ୍ଷ୍ମୀ ଏବଂ ବାପା କାହ୍ନୁ ଚରଣ ଜଗଦେବ ରାୟଙ୍କ ଝିଅ ସ୍ମୃତି ସ୍ମରଣିକା। ସେ କୁହନ୍ତି, ପିଲାବେଳୁ ଏଥିପ୍ରତି ଆଗ୍ରହ ଥିଲେ ହେଁ ପଢ଼ା ବ୍ୟସ୍ତତା ସାଙ୍ଗକୁ ପରିବାରର ସହମତି ନ ଥିବାରୁ କିଛିଦିନ ଏଥିରୁ ଦୂରେଇ ରହିଥିଲି। ହେଲେ କଲେଜରେ ପଢ଼ିବା ସମୟରେ ପରିବାରର ସହମତି କ୍ରମେ ପୁନର୍ବାର ନୃତ୍ୟ ଆରମ୍ଭ କଲି। ୫ବର୍ଷ ହେବ ଗୁରୁ ଅଶୋକ ଦାଶଙ୍କ ଠାରୁ ନୃତ୍ୟଶିକ୍ଷା ଲାଭ କରୁଛି। ବର୍ତ୍ତମାନ ଓଡ଼ିଶୀରେ ବିଶାରଦ ପାଠ୍ୟକ୍ରମ ଜାରି ରଖିଛି। ଓଡିଶା ଏବଂ ବାହାର ରାଜ୍ୟରେ ଓଡିଶୀ ନୃତ୍ୟ ପ୍ରଦର୍ଶନ କରି ଅନେକ ପ୍ରଶଂସା ଏବଂ ପୁରସ୍କାର ସାଉଁଟିଛି। ତେବେ ଆମର ଏହି ଶାସ୍ତ୍ରୀୟ ନୃତ୍ୟର ଅଧିକରୁ ଅଧିକ ପ୍ରଚାର ପ୍ରସାର କରିବାକୁ ମୁଁ ଚଳିତବର୍ଷ ଲକ୍ଷ୍ୟ ରଖିଛି।

**ସବୁଜିମା ଭରା ହେବ ଆମ ସହର :** ଦିନଥିଲା ବ୍ରହ୍ମପୁର ସହର ସବୁଜିମା ଭରପୁର ଥିଲା। ହେଲେ ସମୁଦ୍ର ଉପକୂଳରେ ଥିବା ସହର ବାରମ୍ବାର ବାତ୍ୟାର ସମ୍ମୁଖିନ ହେବା ପରେ ବହୁ ଗଛ ମରିଗଲା । ଅନ୍ୟପଟେ ଗଛ କଟା ମଧ ଧିରେ ଧିରେ ବଢିବାରେ ଲାଗିଲା। ଯାହାକୁ ବିରୋଧ କରିବା ସହ ପୁନର୍ବାର ଏହି ସହରକୁ ସବୁଜ ସୁନ୍ଦର କରିବା ଲାଗି ଅଣ୍ଟା ଭିଡିଛନ୍ତି ବ୍ରହ୍ମପୁରରେ ଥିବା ସବୁଜ ବାହିନୀ କ୍ଲବ୍‌ର ସଭାପତି ଦାୟୀତ୍ୱ ତୁଲାଉଥିବା ଶିବରାମ ପାଣିଗ୍ରାହୀ। ସେ କୁହନ୍ତି, ଆମ ପରିବେଶକୁ ସୁରକ୍ଷିତ ରଖିବା ଆମ କର୍ତ୍ତବ୍ୟ। ହେଲେ ଜନସାଧାରଣଙ୍କ ବେପରୁଆ କାର୍ଯ୍ୟ ଯୋଗୁ ସବୁଜିମା କ୍ଷୟ ହେଉଛି। ଏମିତିରେ ବହୁ ସଂଖ୍ୟାରେ ବୃକ୍ଷ କ୍ଷୟ ହୋଇସାରିଥିବା ବେଳେ ଯେତିକି ଅଛି, ସେଗୁଡ଼ିକରେ ଲୋକମାନେ ଲୁହା କଣ୍ଟା ମାରିବା ସହ ବିଜ୍ଞାପନ ଫଳକ ଟାଙ୍ଗୁଛନ୍ତି। ଫଳରେ ଲୁହାର ରସାୟନିକ ପ୍ରତିକ୍ରିୟା ଯୋଗୁ ଗଛଗୁଡ଼ିକ ଅଳ୍ପ ଦିନରେ ଫମ୍ପା ହେଇ ମରିଯାଉଛି । ଏହାକୁ ରୋକିବା ଲାଗି ଆମେ ଗତ ସେପ୍ଟେମ୍ବର ୨୩ ତାରିଖ ଠାରୁ 'ମୁଁ ବି ବଞ୍ଚିବାକୁ ଚାହେଁ' ନାମରେ ଏକ ଅଭିଯାନ ଆରମ୍ଭ କରିଛୁ। ସହର ସାରା ବୁଲିବୁଲି ଗଛଗୁଡ଼ିକରୁ କଣ୍ଟା ଏବଂ ବିଜ୍ଞାପନ ଫଳକ ବାହାର କରିବା ସହ ଏକ ବିଶେଷ ପ୍ରକାର ଔଷଧୀୟ ଲେପ ଗଛର କ୍ଷତରେ ଲଗାଉଛୁ। ଫଳରେ ଗଛଗୁଡ଼ିକ ପୂର୍ବ ଅବସ୍ଥାକୁ ଫେରୁଛି। । ବ୍ରହ୍ମପୁର ମହାନଗର ନିଗମ ସହାୟତାରେ ବର୍ତ୍ତମାନ ଯାଏଁ ୧୫୫୯ଟି ଗଛରୁ କଣ୍ଟା, ବିଜ୍ଞାପନ ଫଳକ ଏବଂ ଲୁହା ତାର ବାହାର କରାଯାଇ ଥିବା ବେଳେ ଚଳିତବର୍ଷ ବ୍ରହ୍ମପୁର ସହରର ସମସ୍ତ ଗଛକୁ କଣ୍ଟା ଏବଂ ଲୁହା ମୁକ୍ତ କରିବା ସହ ଅଧିକରୁ ଅଧିକ ବୃକ୍ଷରୋପଣ କରିବାକୁ ଆମେ ସଂକଳ୍ପ ନେଇଛୁ।

## ଏ ସପ୍ତାହର ପ୍ରଶ୍ନ

୧- ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଭୁକ୍ତ ସ୍ୱଚ୍ଛ ସର୍ବେକ୍ଷଣ ୨୦୧୮ରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ...........ବେଷ୍ଟ କ୍ୟାପିଟାଲ୍ ସିଟି ଭାବେ ପୁରସ୍କୃତ ହୋଇଛି ?

୨- ୱାର୍ଲ୍ଡ ସ୍କଲାର୍ସ କପ୍ ୨୦୧୮ ଅବସରରେ ଜୁନିୟର ଡିବେଟ୍ ଚାମ୍ପିୟନଶିପ୍‌ର ବିଜେତା ହୋଇଥିବା ପ୍ରଥମ ଭାରତୀୟ ............ ?

୩- ନିକଟରେ ନୂତନ ଚିଫ୍ ଇନ୍‌ଫର୍ମେଶନ କମିଶନର ଭାବେ ............ନିଯୁକ୍ତି ପାଇଛନ୍ତି ?

୪- ଜାତୀୟ ନୃତ୍ୟ ଶିରୋମଣି ପୁରସ୍କାର ୨୦୧୯ ...............ଙ୍କୁ ମିଳିଛି ?

୫- ଆର୍ଟୋକାର୍ପସ୍ ହେଟେରୋଫିଲସ୍ ............ର ବୈଜ୍ଞାନିକ ନାମ ?

## ଗତ ସପ୍ତାହର ଉତ୍ତର

୧ ଗିନୀ

୨ କଦଳୀ

୩ ଶକ୍ତିକାନ୍ତ ଦାସ

୪ ଲକ୍‌ଜେନ୍‌ବର୍ଗ

୫ ଭୁବନେଶ୍ୱର

## ଉତ୍ତରଦାତା


ଅଲେଖ ନାୟକ, ଜଗତ୍‌ସିଂହପୁର


ଅଶୋକ କୁମାର ମହଲ ଭୁବନେଶ୍ୱର


କ୍ଷୀରୋଦ ସାହୁ କେନ୍ଦୁଝର


ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ କଟକ

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

ୟୁଥ୍ ଫ୍ୟାଶନ୍

# ହୁଡିଜ୍

**ଯୁବପିଢ଼ି ସାଧାରଣତଃ ଫ୍ୟାଶନପ୍ରିୟ। କେଉଁ ସମୟରେ କ'ଣ ପିନ୍ଧିଲେ ସେମାନଙ୍କ ଲୁକ୍ ଆହୁରି ଷ୍ଟାଇଲିଶ୍ ଲାଗିବ, ସେ କଳା ସେମାନଙ୍କୁ ବେଶ୍ ଭଲଭାବେ ଜଣା। ଯେଉଁଥିପାଇଁ ବର୍ତ୍ତମାନ ୱିଣ୍ଟର ଗେଟ୍‌ଅପ୍‌ରେ ବିଭିନ୍ନ ପ୍ରକାର ହୁଡିଜ୍ ପାଲଟିଛି ସେମାନଙ୍କର ପ୍ରଥମ ପସନ୍ଦ...**



- ବର୍ତ୍ତମାନ ସିଙ୍ଗଲ କଲର କିମ୍ବା କଣ୍ଟ୍ରାଷ୍ଟ ବର୍ଡର ଆଉଟ୍‌ଲାଇନ୍ ଥିବା ହୁଡିଜ୍‌କୁ ଯୁବପିଢ଼ି ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଏହାକୁ ଆପଣ ଯେକୌଣସି କାଜୁଆଲ ଗେଟ୍‌ଅପ୍ ସହ କ୍ୟାରି କରି ଆକର୍ଷଣୀୟ ଲୁକ୍ ପାଇ ପାରିବେ।
- ଯଦି ଆପଣଙ୍କୁ ଜିପ୍ ଅପ୍‌ସ ହୁଡି ପସନ୍ଦ, ତେବେ ଏହାକୁ ଉଭୟ ଜିପ୍ ଓପନ୍ କରି ଜ୍ୟାକେଟ୍ ଭଳି ହେଉ କିମ୍ବା ଜିପ୍ ବନ୍ଦ କରି ବ୍ୟବହାର କଲେ ଷ୍ଟାଇଲିସ୍ ଲାଗିବେ।
- ବର୍ତ୍ତମାନ ଉଭୟ ପ୍ଲେନ୍ ଏବଂ ପ୍ରିଣ୍ଟେଡ୍ ପୁଲ ଓଭର ହୁଡିର ଡିମାଣ୍ଡ ବଢୁଛି। ଯଦି ଆପଣଙ୍କୁ ଜିପ୍ ବା ଓପନ୍ ହୁଡିଜ୍ ପସନ୍ଦ ନୁହେଁ, ତେବେ ମୁଣ୍ଡ ଗଳାଇ ପିନ୍ଧିବାକୁ ହେଉଥିବା ଏହି ପୁଲ ଓଭର ହୁଡି ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏହି ଜିପ୍‌ଲେସ୍ ହୁଡିଜ୍ ସ୍ଲିମ୍ ଫିଗର ଯୁବତୀ ଯୁବକଙ୍କ ଫିଗରକୁ ହାଇଲାଇଟ୍ କରିବା ସହ ଅଧିକ ଫ୍ୟାଶନେବଲ୍ ଲାଗିଥାଏ।
- ଫିଗର ମୋଟା ହୋଇଥିଲେ ହେଭି ପରିବର୍ତ୍ତେ ଲାଇଟ୍ ମ୍ୟାଟେରିଆଲ୍ ହୁଡି ବାଛନ୍ତୁ ଏବଂ ଅଧିକ ଟାଇଟ୍ କିମ୍ବା ଢିଲା ହୁଡି ମଧ ବାଛନ୍ତୁ ନାହିଁ। କାରଣ ଏଥିରେ ପେଟ ବଡ ଲାଗିବା କାରଣରୁ ଫିଗର ଖରାପ ଲାଗିଥାଏ।
- ଯଦି ଆପଣଙ୍କ ହାଇଟ୍ କମ୍, ତେବେ ଓଭର ସାଇଜ୍ ହୁଡି ଆଦୌ ପିନ୍ଧନ୍ତୁ ନାହିଁ। ଏଥିରେ ଆପଣଙ୍କ ଉଚ୍ଚତା ଆହୁରି କମ୍ ଲାଗିବ। ତେଣୁ ଆପଣ ଅଣ୍ଟା ବା ବେଲ୍ଟ ପର୍ଯ୍ୟନ୍ତ ଲମ୍ବ ଥିବା ହୁଡି ପିନ୍ଧନ୍ତୁ। ଠିକ୍ ସେହିପରି ଧ୍ୟାନରେ ରଖନ୍ତୁ ଯେପରି ହାତର ଲମ୍ବ ପାପୁଲି ପର୍ଯ୍ୟନ୍ତ ରହୁଥିବ। ଏହାକୁ ପିନ୍ଧିବା ଦ୍ୱାରା ଆପଣ ସ୍ଲିମ୍ ଫିଟ୍ ଏବଂ ଆଟ୍ରାକ୍ଟିଭ୍ ଲୁକ୍ ପାଇପାରିବେ।
- ଉଚ୍ଚତା ଅଧିକ ଥିଲେ ଆପଣ ସାମାନ୍ୟ ଓଭର ସାଇଜ୍ ବା ଲଙ୍ଗ ହୁଡି ବାଛି ପାରିବେ।

DSPL - 328





## ଶୀତଦିନେ ଗୃହପାଳିତ ପ୍ରାଣୀଙ୍କ ଯତ୍ନ

ଶୀତଦିନେ ପ୍ରାଣୀପାଳକମାନେ ପ୍ରାଣୀସମ୍ପଦର ସ୍ୱାସ୍ଥ୍ୟ ରକ୍ଷା ନେଇ ଅନେକ ଚିନ୍ତିତ ଥାଆନ୍ତି। ଠିକ୍ ଭାବରେ ଯତ୍ନ ନ ନେଲେ ପ୍ରାଣୀସମ୍ପଦର ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ହ୍ରାସ ଘଟିଥାଏ ଯାହା ଫଳରେ ଚାଷୀମାନେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଥାଏ। ଶୀତ ଦାଉରୁ ପ୍ରାଣୀସମ୍ପଦର ସୁରକ୍ଷା ସହିତ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ନିମନ୍ତେ ନିମ୍ନଲିଖିତ ସତର୍କତା ଅବଲମ୍ବନ କରିବା ବିଧେୟ।

- ଶୀତ ରାତିରେ ଗୃହପାଳିତ ପ୍ରାଣୀମାନଙ୍କୁ ବାହାରେ ଛାଡ଼ନ୍ତୁ ନାହିଁ କିମ୍ବା ଖୋଲା ସ୍ଥାନରେ ବାନ୍ଧନ୍ତୁ ନାହିଁ।
- ଖୋଲା ଗୁହାଳ ହୋଇଥିଲେ ରାତି ସମୟରେ ଜରି, ପାଲ, ଅଖା ଆଦିରେ ଘୋଡ଼େଇ ରଖନ୍ତୁ।
- ଶୀତ ଦାଉରୁ ଗର୍ଭବତୀ ପ୍ରାଣୀ ତଥା ସେମାନଙ୍କ ଛୁଆଙ୍କୁ ସୁରକ୍ଷା ପ୍ରଦାନ ନିମନ୍ତେ ନଡ଼ା ଓ ଶୁଖିଲା ପତ୍ର ଆଦିର ବିଛଣା ପ୍ରସ୍ତୁତ କରି ରଖନ୍ତୁ। ଏହା ଆରାମଦାୟକ ପ୍ରସବ ସାଙ୍ଗକୁ ଛୁଆମାନଙ୍କୁ ଆବଶ୍ୟକ ଉଷ୍ମତା ପ୍ରଦାନ କରିଥାଏ।
- ପ୍ରାଣୀମାନଙ୍କୁ ଯଥେଷ୍ଟ ପରିମାଣର ସୁଷମ ଖାଦ୍ୟ ଓ ସବୁଜ ଘାସ ଖାଇବାକୁ ଦିଅନ୍ତୁ। ଏହା ପ୍ରାଣୀମାନଙ୍କ ଶରୀରର ତାପମାତ୍ରାକୁ ଉତ୍ତମ ରୂପେ ପରିଚାଳନା କରିବା ସହିତ ଉତ୍ପାଦିକା ଶକ୍ତି ବୃଦ୍ଧି କରିଥାଏ।
- ପ୍ରାଣୀମାନେ ଦୈନିକ ଆବଶ୍ୟକ କରୁଥିବା ଖାଦ୍ୟକୁ ଏକ ସମୟରେ ନ ଦେଇ ଭାଗ ଭାଗ କରି ଖାଇବାକୁ ଦିଅନ୍ତୁ। ଏଥି ସହ ଉପଯୁକ୍ତ ପରିମାଣ ଖଣିଜ ଲବଣ ଖାଦ୍ୟରେ ମିଶାଇବାକୁ ଭୁଲନ୍ତୁ ନାହିଁ।
- ଶୀତଦିନ ହେଲେ ମଧ ପ୍ରାଣୀମାନଙ୍କୁ ଆବଶ୍ୟକ ମୁତାବକ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦିଅନ୍ତୁ।
- ଶୀତଦିନେ ପ୍ରାଣୀମାନଙ୍କ ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ହ୍ରାସ ପାଇବା ସହିତ ଅନେକ ରୋଗ ସୃଷ୍ଟିକାରୀ ଜୀବାଣୁ ଓ ଭୂତାଣୁର ବଂଶବୃଦ୍ଧି ସହଜ ହେଉଥିବାରୁ ପ୍ରାଣୀମାନେ ଶୀଘ୍ର ସଂକ୍ରମଣର ଶିକାର ହୋଇ ରୋଗରେ ପୀଡ଼ିତ ହୁଅନ୍ତି। ତେଣୁ ଶୀତଋତୁ ଆରମ୍ଭରୁ ବିଭିନ୍ନ ସଂକ୍ରାମକ ରୋଗର ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ପ୍ରାଣୀମାନଙ୍କ ଟିକାକରଣ କରାଇନିଅନ୍ତୁ।
- ଶୀତଋତୁରେ ବିଶେଷ କରି ଗାଈଗୋରୁମାନଙ୍କ ଠାରେ ଫାଟୁଆ ରୋଗର ପ୍ରାଦୁର୍ଭାବ ଅଧିକ ଦେଖାଯାଇଥାଏ। ତେଣୁ ଏଥିପାଇଁ ବିଶେଷ ଧ୍ୟାନ ଦେଇ ଆରମ୍ଭରୁ ଫାଟୁଆ ରୋଗର ଟିକାକରଣ କରାଇନେବା ଉଚିତ୍ ଏବଂ ପ୍ରତି ୬ ମାସରେ ଥରେ ଗୋରୁଙ୍କୁ ଫାଟୁଆ ଟିକା ପ୍ରଦାନ କରନ୍ତୁ।
- ଏହି ଋତୁରେ ପ୍ରାଣୀମାନଙ୍କ ଶରୀରରେ ଅନ୍ତଃକୃମି ଓ ବାହ୍ୟକୃମିର ବଂଶବୃଦ୍ଧି ଘଟୁଥିବାରୁ ପ୍ରାଣୀମାନେ ଦୁର୍ବଳ ହୋଇ ଅନେକ କ୍ଷେତ୍ରରେ ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ତେଣୁ ସ୍ଥାନୀୟ ପ୍ରାଣୀଚିକିତ୍ସା କେନ୍ଦ୍ରରେ ପ୍ରାଣୀଙ୍କ ମଳ ପରୀକ୍ଷା କରାଇ ଡାକ୍ତରଙ୍କ ପରାମର୍ଶ କ୍ରମେ କୃମିନାଶକ ଔଷଧ ଦେବାର ବ୍ୟବସ୍ଥା କରନ୍ତୁ।
- ଶୀତଦିନେ କୁକୁଡ଼ାମାନଙ୍କୁ ଉଷୁମ ସ୍ଥାନରେ ରଖିବା ସହିତ, ସେମାନଙ୍କ ପାଇଁ ଯଥେଷ୍ଟ ଆଲୋକ ବ୍ୟବସ୍ଥା କରନ୍ତୁ।
- ପ୍ରାଣୀମାନଙ୍କ ଶରୀରରେ କୌଣସି ରୋଗର ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହିତ ଯୋଗାଯୋଗ କରନ୍ତୁ।

ମନେରଖନ୍ତୁ, ଶୀତଋତୁରେ ପ୍ରାଣୀସମ୍ପଦର ଉପଯୁକ୍ତ ପରିଚାଳନା ହିଁ ପଶୁପକ୍ଷୀଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇବା ସହିତ ଆପଣଙ୍କ ଆୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ଆଣିପାରିବ।

ନିର୍ଦ୍ଦେଶକ
ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

06014/13/0024/1819